# ଏକକ -୪ ଶ୍ରବଣ ଏବଂ କଥନ

## ଅଧ୍ୟାୟ ସଂରଚନା


୪.୦ ଉପକ୍ରମ

୪.୧ ଶିକ୍ଷଣ ଉଦ୍ଦେଶ୍ୟ

୪.୨ ଶ୍ରବଣ ଓ କଥନ

୪.୨.୧ ଶ୍ରବଣର ଅର୍ଥ କ'ଣ ?

୪.୨.୨ କଥନ କହିଲେ କ'ଣ ବୁଝାଯାଏ ?

୪.୩ ଶ୍ରେଣୀ ପ୍ରକୋଷ୍ଠରେ କଥୋପକଥନର ଆବଶ୍ୟକତା

୪.୪ ଶ୍ରେଣୀ ପ୍ରକୋଷ୍ଠରେ ଶ୍ରବଣ ଓ କଥନର ଶିକ୍ଷଣ ନିମନ୍ତେ ଆମେ କିପରି ସୁଯୋଗ ସୃଷ୍ଟି କରିପାରିବା ?

୪.୪.୧ ପିଲାମାନଙ୍କ ଗୀତ / କବିତା / କବିତା ଶୁଣିବା ଏବଂ ଗାଇବା

୪.୪.୨ ଛବିର ବ୍ୟବହାର

୪.୪.୩ ଗଳ୍ପ କଥନ

୪.୪.୪ ନାଟକ / ଅଭିନୟଶାଳା

୪.୪.୫ ପାଠ୍ୟକ୍ରମ ସମ୍ବନ୍ଧୀୟ କାର୍ଯ୍ୟ

୪.୫ ନିର୍ଭୁଲତା ଓ ବାକ୍‌ପଟୁତା

୪.୬ ସାରାଂଶ

୪.୭ ପଠନ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


୪.୮ ପାଠାନ୍ତ ପ୍ରଶ୍ନାବଳୀ


ଟିପ୍ପଣୀ

## ୪.୦ ଉପକ୍ରମ

ପୂର୍ବ ଅଧ୍ୟାୟରେ ଆମେ ଆଲୋଚନା କଲେ ଯେ ପିଲାମାନେ ସେମାନଙ୍କର ଘରୋଇ ପରିବେଶ ଉପଯୋଗ କରି ସହଜରେ ଏକାଧିକ ଭାଷା ଶିକ୍ଷାଲାଭ କରିପାରିବେ । ସେମାନେ ଉକ୍ତ ଭାଷାଗୁଡ଼ିକର ଶ୍ରବଣ - କଥନର ସୁଯୋଗ ପାଇବା ଦ୍ୱାରା ଏହା ସମ୍ଭବ ହୋଇଥାଏ । ଏହା ସହିତ ଆମେ ମଧ୍ୟ ଜାଣିଲେ ଯେ ଯଦି ବିଦ୍ୟାଳୟରେ ଉକ୍ତ ଭାଷାଗୁଡ଼ିକର ଶ୍ରବଣ କଥନର ସୁଯୋଗ ସୃଷ୍ଟି କରାଯାଏ, ତେବେ ସେମାନେ ବିଦ୍ୟାଳୟରେ ମଧ୍ୟ ସେ ସବୁର ଶିକ୍ଷାଲାଭ କରିପାରିବେ ।

ଏହି ଅଧ୍ୟାୟରେ ଆମେ ଭାଷାର ଶ୍ରବଣ ଓ କଥନ ଦକ୍ଷତା ଗୁଡ଼ିକ ବିଷୟରେ ଆଲୋଚନା କରିବା । ଶ୍ରବଣ ଓ କଥନ କହିଲେ କ'ଣ ବୁଝାଯାଏ ଏବଂ ଉକ୍ତ ଦକ୍ଷତା ଦୁଇଟି କିପରି ଭାଷା ଶିକ୍ଷଣ ନିମନ୍ତେ ଉପାଦେୟ, ପ୍ରଥମେ ଆମେ ସେ ବିଷୟରେ ବୁଝିବାକୁ ଚେଷ୍ଟା କରିବା । ଏହା ସହିତ ଶିକ୍ଷାଦାନ



ଟିପ୍ପଣୀ

ସମୟରେ ଏ ଦୁଇଟି ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷକଙ୍କ ଭୂମିକା ଏବଂ ଦୃଷ୍ଟିକୋଣ ସମ୍ପର୍କରେ ବୁଝିବା ଆବଶ୍ୟକ ।

## ୪.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଅଧ୍ୟାୟର ପଠନ ପରେ ତୁମେମାନେ ନିମ୍ନଲିଖିତ ବିଷୟ ଗୁଡ଼ିକ ଜାଣିପାରିବ ।

- ଭାଷା ଶ୍ରବଣ – କଥନର ସଜ୍ଞା ଓ ସ୍ୱରୂପ ।
- ଭାଷା ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଶ୍ରବଣ – କଥନର ଭୂମିକା ବୁଝିପାରିବ ।
- ଶ୍ରବଣ ଓ କଥନ ଦକ୍ଷତାର ଶିକ୍ଷାଦାନ ନିମନ୍ତେ ଶିକ୍ଷକଙ୍କର ଭୂମିକା ଏବଂ ଦାୟିତ୍ୱ ।
- ଭାଷାର କଥନ ପ୍ରକ୍ରିୟାରେ ସଠିକତା ଏବଂ ବାକ୍‌ପଟୁତାର ଗୁରୁତ୍ୱକୁ ବୁଝିପାରିବ ।

## ୪.୨ କଥନ ଏବଂ ଶ୍ରବଣ

ପିଲାମାନେ ବିଦ୍ୟାଳୟରେ ଶିକ୍ଷା ବିଭିନ୍ନ ଆରମ୍ଭ କରିବାର ପ୍ରଥମ ଦୁଇ ତିନିମାସ ସେମାନଙ୍କୁ ଶ୍ରବଣ ଏବଂ କଥନର ଯଥେଷ୍ଟ ଅଭ୍ୟାସ କରିବାକୁ ଦିଆଯାଇଥାଏ । ଏହି ଅଭ୍ୟାସ ବିଭିନ୍ନ ଉପାୟରେ କରାଯାଇଥାଏ । ଏଗୁଡ଼ିକ ମଧ୍ୟରେ ଶିକ୍ଷକଙ୍କ କବିତା, ଗୀତ, ସଂଖ୍ୟା, ଅକ୍ଷର, ଗଳ୍ପ ପ୍ରଭୃତି ପଠନ ଓ ପିଲାମାନେ ଶିକ୍ଷକଙ୍କ ଠାରୁ ଶୁଣି ତାଙ୍କ କଥାକୁ ବାରମ୍ୱାର ବ୍ୟବହାର କରିବା ଅନ୍ୟତମ ଅଟେ ।

ଏହାର ଉଦ୍ଦେଶ୍ୟ ହେଲା, ପିଲାମାନେ ନିଜେ କହୁଥିବା କଥାକୁ ନ ବୁଝିଲେ ମଧ ବାରମ୍ୱାର ଅଭ୍ୟାସ କରିବାଦ୍ୱାରା ପାଠଟିକୁ ମନେ ରଖି ପାରନ୍ତି । ସେମାନେ ପାଠଟିକୁ ମନେରଖିବା ପର୍ଯ୍ୟନ୍ତ ବାରମ୍ୱାର କୁହନ୍ତି ।

ଶିକ୍ଷକମାନେ ସାଧାରଣତଃ ବିଶ୍ୱାସ କରନ୍ତି ଯେ ଏକ ପ୍ରକାର ଶବ୍ଦଗୁଡ଼ିକୁ ବାରମ୍ୱାର ଶୁଣିବା ଏବଂ ଅଭ୍ୟାସ କରିବାଦ୍ୱାରା ପିଲାମାନେ ସେସବୁକୁ ମନେ ରଖିବାକୁ ସକ୍ଷମ ହେବେ । ଶିକ୍ଷକମାନଙ୍କର ଦୃଢ଼ ବିଶ୍ୱାସ ଥାଏ ଯେ ଯଦି ପିଲାକୁ ନୂଆ ଶବ୍ଦଟିଏ ବା ବାକ୍ୟଟିଏ କୁହାଯାଏ , ତେବେ ସେ ନୂଆ ଶବ୍ଦ ବା ବାକ୍ୟ ଶିକ୍ଷା କରିବା ସହଜ ନୁହେଁ । ଏହା ସ୍ପଷ୍ଟ ଯେ ଗୋଟିଏ ପିଲା ପ୍ରଥମେ ଶୁଣେ ଏବଂ ତା'ପରେ କହିଥାଏ ।

ଯାହା ହେଉନା କାହିଁକି, ଶ୍ରବଣ ଏବଂ କଥନ ହେଉଛି ସମାନ୍ତରାଳ ପ୍ରକ୍ରିୟା । ଆମେ ନିଜେ କହିବା ସମୟରେ ନିଜ କଥାକୁ ମଧ ଶୁଣିଥାଉ । ବେଳେବେଳେ ଆମେ କେବଳ ଶୁଣୁ : ଉଦାହରଣ ସ୍ୱରୂପ, ଆମେ ରେଡିଓ ବା ଦୂରଦର୍ଶନର ସମ୍ବାଦ ଶୁଣିବା ସମୟରେ ଏହି ପ୍ରକ୍ରିୟା ଘଟେ । କିନ୍ତୁ ସମ୍ବାଦର ଏହି ଉପଯୋଗ କରୁଥିବା ରେକର୍ଡ ଏବଂ ତାକୁ ଆମ୍ଭ ଇଚ୍ଛା ମୁତାବକ ବାରମ୍ୱାର ଶୁଣିପାରୁଥିବା ଟେପ୍‌ରେକର୍ଡର ଭଳି ନୁହେଁ । ଶ୍ରବଣ କଥନ ପ୍ରକ୍ରିୟାର ଏକ ଉଲ୍ଲେଖନୀୟ ଉପାଦାନ ହେଉଛି ଯେ କୌଣସି କଥୋପକଥନରେ ଆଗକୁ ଯାଇପାରିବା ନାହିଁ । ଟେଲିଫୋନ୍‌ରେ କଥାବାର୍ତ୍ତା ବିଷୟରେ ଆମେ ଅନୁଧ୍ୟାନ କଲେ ଏହା ସ୍ପଷ୍ଟହେବ । ଆମେ ପ୍ରଥମେ ଅନ୍ୟ ପାର୍ଶ୍ୱରେ ଥିବା ବ୍ୟକ୍ତିର କଥାକୁ ଶୁଣୁ

ଟିପ୍ପଣୀ

ଏବଂ ବୁଝୁ । ଏହାପରେ ଆମେ ତାଙ୍କ କଥାର ପ୍ରତ୍ୟୁତ୍ତର ଦେଉ । ବୁଝିବାବିନା ଆମେ କେବେହେଲେ ଟେଲିଫୋନ୍ ବାର୍ତ୍ତାଳାପକୁ ଆଗକୁ ନେଇ ପାରିବା ନାହିଁ ।

ତେଣୁ ଗୋଟିଏ ଭାଷା ଶିଖିବା ନିମନ୍ତେ ଉକ୍ତ ୨ଟି ଦକ୍ଷତାକୁ ଆମେ ଅଲଗା ଅଲଗା ବ୍ୟବହାର କରିପାରିବା ନାହିଁ । ଏ ଦୁଇଟି ଦକ୍ଷତା ପରସ୍ପର ନିର୍ଭରଶୀଳ ଓ ପରିପୂରକ ପ୍ରକ୍ରିୟା ଯେଉଁ ପ୍ରକ୍ରିୟାରେ ଚିନ୍ତନ ଓ ବୋଧନ ମୂଳକ ଅଂଗାଂଗୀଭାବେ ଜଡ଼ିତ ।

## କ୍ରମୋନ୍ନତି / ପ୍ରଗତି ମୂଳକ ଆତ୍ମ ମୂଲ୍ୟାୟନ:

୧) ନିମ୍ନୋକ୍ତ କେଉଁ କାର୍ଯ୍ୟଟି ଶ୍ରବଣ ଏବଂ କଥନର ଗୁରୁତ୍ୱପୂର୍ଣ୍ଣ ଉପାଦାନ ?

କ) ଶ୍ରବଣ (ଖ) କଥନ (ଗ) ବୋଧନ (ଘ) ତଥ୍ୟ ଗ୍ରହଣ

୨) ଶ୍ରବଣ-କଥନ ପ୍ରକ୍ରିୟା ଏବଂ ତଥ୍ୟ ଗ୍ରହଣ ପ୍ରକ୍ରିୟା ମଧ୍ୟରେ ପାର୍ଥକ୍ୟ କ'ଣ ?

୩) ବିଦ୍ୟାଳୟର ନିମ୍ନପ୍ରାଥମିକ ଶ୍ରେଣୀ ଗୁଡ଼ିକର ସାଧାରଣ ଭାବେ ଶୁଣିବା ଓ କହିବାର ବିକାଶ ପାଇଁ ପଲାମାନଙ୍କୁ କେଉଁ ପ୍ରକାର ସୁଯୋଗ ଦେବା ଉଚିତ୍ । ଏସବୁ ସୁଯୋଗ ଗୁଡ଼ିକ ଯଥେଷ୍ଟ କି ? ତୁମର ନିଜସ୍ୱ ମତାମତ ଉଲ୍ଲେଖ କର ।

୪) ତୁମର ବନ୍ଧୁ ଆଜି ସକାଳର ଅଖିଳଭାରତୀୟ ଆକାଶବାଣୀ ବେତାର କେନ୍ଦ୍ରରୁ ସମ୍ବାଦ ଶୁଣିପାରିନାହାଁନ୍ତି । ସେ ତୁମକୁ ସେ ସମ୍ବାଦ କହିବାପାଇଁ କହିଲେ । ତୁମେ ତାଙ୍କୁ କ'ଣ କହିବ ? ଏଥି ନିମନ୍ତେ ତୁମକୁ କ'ଣ କରିବାକୁ ପଡ଼ିବ ?

ଟିପ୍ପଣୀ

## ୪.୨.୧ ଶ୍ରବଣ କ'ଣ ?

ଆମେ ଆମ ଚର୍ତୁପାର୍ଶ୍ୱରେ ବିଭିନ୍ନ ପ୍ରକାର ଶବ୍ଦ ଶୁଣିଥାଉ । ଏହି ଶବ୍ଦସବୁ ମଣିଷ, ପଶୁ ଓ ପକ୍ଷୀ ଏବଂ ଯନ୍ତ୍ରାଦି ଦ୍ୱାରା ସୃଷ୍ଟି ହୋଇଥାଏ । କିନ୍ତୁ ଆମେ ଶୁଣୁଥିବା ସମସ୍ତ ଶବ୍ଦଗୁଡ଼ିକର ଅର୍ଥ ବୁଝିବା ଆମପାଇଁ ଅନାବଶ୍ୟକ । ଉଦାହରଣ ସ୍ୱରୂପ, ଆମକୁ ଭଲ ନଲାଗୁଥିବା ଗୋଟିଏ ଯନ୍ତ୍ରର ଶବ୍ଦ କିମ୍ବା ଆମକୁ ମଜାଲାଗୁଥିବା ଗୋଟିଏ ପକ୍ଷୀର ଶବ୍ଦ ଆମପାଇଁ ଅର୍ଥବିହୀନ ଅଟେ । କିନ୍ତୁ ଶ୍ରବଣକାର୍ଯ୍ୟରେ ମୁଖ୍ୟତଃ ଅର୍ଥଯୁକ୍ତ କଥୋପକଥନ ସମୟରେ ଶ୍ରୋତା ସଙ୍ଗେ ସଙ୍ଗେ ଅର୍ଥ ବୁଝିପାରେ । ସେ ଦୁଇଟି ଉପାୟରେ ଉକ୍ତ ଅର୍ଥଗ୍ରହଣ କାର୍ଯ୍ୟ କରିଥାଏ । ଏ ସବୁର ବିଶଦ ଆଲୋଚନା ନିମ୍ନରେ କରାଯାଇଛି ।


ପ୍ରଥମତଃ ଶ୍ରୋତା ଶବ୍ଦଗୁଡ଼ିକୁ ଆଧାର ବାର୍ତ୍ତାଳାପକୁ ବୋଧ କରିଥାଏ । ଏହା ମୁଖ୍ୟତଃ ଶବ୍ଦ, ଖଣ୍ଡବାକ୍ୟ, ବାକ୍ୟ ଓ ପାଠ୍ୟପୁସ୍ତକ ଦ୍ୱାରା କରାଯାଇଥାଏ । ବାକ୍ୟରେ ବ୍ୟବହୃତ ଶବ୍ଦସବୁର ସଠିକ୍ ବ୍ୟବହାର ଢାଞ୍ଚା ଓ ବ୍ୟବସ୍ଥା ବିଷୟରେ ଶ୍ରୋତାର ଧାରଣା ରହିବା ଆବଶ୍ୟକ । ଆମେ ଉଦାହରଣ ଦ୍ୱାରା ସହଜରେ ବୁଝିପାରିବା ମନେକର, ତୁମର ଜଣେ ବନ୍ଧୁ ତୁମକୁ ତାଙ୍କ ଘରେ ରାତ୍ରିଭୋଜନ କରିବାକୁ ନିମନ୍ତ୍ରଣ କରିଛନ୍ତି ଏବଂ ତୁମେ ତାଙ୍କ ଘର ଆଗରୁ କେବେ ଦେଖିନାହଁ । ତୁମେ ଟେଲିଫୋନ୍‌ରେ ପଚାରନ୍ତେ ସେ ଠିକ୍ ବାଟ ବତାଇ କହିବେ ।

''ସିଟି ସେଣ୍ଟର ର ଡାହାଣପଟେ ଥିବା ତୃତୀୟ ଗଳିରେ ଯାଅ । ସିଧା ଅଗକୁ ଯାଅ ଏବଂ ତା'ପରେ ବାମକୁ ଥିବା ବବର୍ଚ୍ଚି ହୋଟେଲ୍ ଗଳିକୁ ଯାଅ । ସେଇ ଗଳିରେ ଥିବା ତୃତୀୟ ଘରଟି ମୋ ଘର ।''

ଘରଟିକୁ ଠାବ କରିବାପାଇଁ ତୁମେ ଅବିକଳ ବାର୍ତ୍ତାଳାପକୁ ମନଭିତରେ ବାରମ୍ବାର ଦୋହରେଇବା ଦରକାର । ଉକ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ମନଯୋଗ କରି ତୁମେ ଉକ୍ତ ନିର୍ଦ୍ଦେଶ ଗୁଡ଼ିକୁ କ୍ରମାନ୍ୱୟରେ ଅନୁସରଣ କରିବା ଉଚିତ୍ । ଉକ୍ତ ପ୍ରକ୍ରିୟାରେ ଆମେ ଉକ୍ତ ବାର୍ତ୍ତାଳାପକୁ ଛୋଟଛୋଟ ଅଂଶରେ ବିଭକ୍ତ କରିଛୁ : (ସିଟି ସେଣ୍ଟରର ତୃତୀୟ ଗଳି, ଡାହାଣକୁ ଯାଅ, ସିଧା ଯାଅ, ବାମକୁ ଯାଅ,ବବର୍ଚ୍ଚି ହୋଟେଲ୍, ତୃତୀୟ ଘର) । ସେଇ ସାଂକେତିକ ଶବ୍ଦକୁ ଭାଷାନ୍ତର କରି ଆମେ ବାର୍ତ୍ତାଳାପକୁ ଭଲଭାବରେ ବୁଝିଥାଉ । କିନ୍ତୁ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ବାକ୍ୟରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଗୁଡ଼ିକ ଚିହ୍ନିବାର ଦକ୍ଷତା ଏବଂ ସେଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯାହାକି ଠିକ୍ ସମୟରେ ଘଟିଥାଏ ।

ଏହିଭଳିଭାବରେ ଗୋଟିଏ ବିବୃତ୍ତି ବୁଝିବାକୁ ହେଲେ ଶ୍ରୋତାର ଶବ୍ଦଜ୍ଞାନ ଏବଂ ବାକ୍ୟ ଗଢ଼ଣର ଧାରଣା ରହିବା ଆବଶ୍ୟକ । ଉକ୍ତ ପ୍ରକ୍ରିୟାର କ୍ରମାଗତ ଅଭ୍ୟାସ ନିମ୍ନୋକ୍ତ ଦକ୍ଷତା ଅର୍ଜନ କରିବାରେ ସାହାଯ୍ୟ କରେ ।

- ଗୋଟିଏ ବାକ୍ୟକୁ ମନୋଯୋଗ ସହ ଶୁଣିବା ।
- ମୁଖ୍ୟ ଶବ୍ଦଗୁଡ଼ିକୁ ଚିହ୍ନଟ କରିବା ।
- ମୁଖ୍ୟ ଶବ୍ଦଗୁଡ଼ିକ ଏବଂ ବାକ୍ୟଗୁଡ଼ିକ ମଧ୍ୟରେ ଥିବା ବ୍ୟାକରଣଗତ ସମ୍ପର୍କକୁ ବୋଧ କରିବା ।



ଟିପ୍ପଣୀ

- ବକ୍ତା ବ୍ୟବହାର କରୁଥିବା ବଳାଘାତ ଓ ବିରାମ ଏବଂ ବିଭାଗର ପ୍ରାସଙ୍ଗିକତାକୁ ବୋଧକରିବା : ଉଦାହରଣ ସ୍ୱରୂପ ମୁଖ୍ୟ ଶବ୍ଦଗୁଡ଼ିକୁ ଚିହ୍ନଟ କରି ବାକ୍ୟଟିକୁ ବୋଧକରିବା । ଦ୍ୱିତୀୟ ରାସ୍ତାଟି ଆମ ପୂର୍ବଜ୍ଞାନ ଉପରେ ଆଧାରିତ । ଶବ୍ଦଗୁଡ଼ିକୁ ଆଧାର କରି ଅର୍ଥ ବୁଝିବାର ପ୍ରକ୍ରିୟା ଆମକୁ ଶବ୍ଦର ଅର୍ଥ ଆଡକୁ ନେଉଥିବାବେଳେ, ପୂର୍ବଜ୍ଞାନକୁ ଆଧାରକରି ଅର୍ଥ ବୋଧ କରିବାର ପ୍ରକ୍ରିୟା ଆମକୁ ଶବ୍ଦର ଅର୍ଥରୁ ଆଗକୁ ନିଏ । ଉକ୍ତ କାର୍ଯ୍ୟପାଇଁ ଆମେ ପୂର୍ବ ବାର୍ତ୍ତାଳାପ, ଅଭିଜ୍ଞତା ଓ ପଠନ ପ୍ରଭୃତି ଆଧାରିତ ଜ୍ଞାନ ଆବଶ୍ୟକ କରିଥାଉ ।


ଉଦାହରଣ ସ୍ୱରୂପ ମୁଁ ଯଦି ସମ୍ବାଦ ପରିବେଷଣ ସମୟରେ ଶୁଣେ 'ଗତ ରାତିରେ ଚୀନ୍ ଏକ ଭୟଙ୍କର ଭୂମିକମ୍ପଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ ହେଲା' - 'ଭୂମିକମ୍ପ' ଶବ୍ଦଟି ମୋ ମନରେ ଅନେକ ପ୍ରଶ୍ନ ସୃଷ୍ଟିକରେ ।

- ଭୂମିକମ୍ପର ଗଭୀରତା କେତେ ଥିଲା ?
- କେତେ ଲୋକ ମୃତ୍ୟୁବରଣ କଲେ ଏବଂ ଆହତ ହେଲେ ?
- କେତେ ପରିମାଣର ଧନସଂପଦ ନଷ୍ଟ ହେଲା ।
- କିଭଳି ସହାୟତା କାର୍ଯ୍ୟ ଚାଲୁଅଛି ।

ଏ ସମସ୍ତ ପ୍ରଶ୍ନ ଉପରୋକ୍ତ ସମ୍ବାଦ ବାକ୍ୟଟିକୁ ବୁଝିବାରେ ସାହାଯ୍ୟ କରିଥାଏ । ଏହିଭଳି ଭାବରେ ଆମେ କମ୍ ପରିମାଣର ତଥ୍ୟ ସାହାଯ୍ୟରେ ବାକ୍ୟଟିକୁ ଅର୍ଥ ବୋଧକରିପାରୁ । ଏଥିପାଇଁ ଆମ ପୂର୍ବଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଉକ୍ତ ସମ୍ବାଦ ବାକ୍ୟରେ ସବୁଠାରୁ କମ୍ ତଥ୍ୟ ହେଲା - ଗୋଟିଏ ଭୂମିକମ୍ପଦ୍ୱାରା ଚୀନ ଧ୍ୱସ୍ତବିଧସ୍ତ ଏବଂ କେଉଁ ସମୟରେ ଏହା ଘଟିଲା । ମାତ୍ର ଭୂମିକମ୍ପ ବିଷୟରେ ଶୁଣି ବା ଦେଖିଥିବା ବା ପଢ଼ିଥିବା ଧାରଣା ଆମ ମନରେ ଅନେକ ଗୁଡ଼ିଏ ପ୍ରଶ୍ନ ସୃଷ୍ଟିକରିପାରିଲା । ଯଦି ଜଣେ ଶ୍ରୋତା ଉପରୋକ୍ତ ପ୍ରକ୍ରିୟାରେ ଅର୍ଥକୁ ବୁଝିବା ନିମନ୍ତେ ଅସମର୍ଥ ହୁଏ ତେବେ ବାର୍ତ୍ତାଳାପଟି ଅସମ୍ପୂର୍ଣ୍ଣ କିମ୍ବା ଭୂମିକମ୍ପ ବିଷୟରେ ତା'ର ପୂର୍ବଧାରଣା ନାହିଁ । ଉକ୍ତ ପ୍ରକ୍ରିୟାର କ୍ରମାଗତ ଅଭ୍ୟାସ ନିମ୍ନୋକ୍ତ ଦକ୍ଷତା ଅର୍ଜନ କରିବାରେ ସାହାଯ୍ୟ କରେ । ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ଆଧାରିତ କଥୋପକଥନକୁ ଅର୍ଥଯୁକ୍ତ କରିବା ନିମନ୍ତେ:

- ଘଟଣା ବିଷୟରେ ଅନେକ ପ୍ରଶ୍ନ ସୃଷ୍ଟି କର ।
- ଘଟଣାଟିର କାରଣ ଓ ଫଳାଫଳର ସମ୍ପର୍କକୁ ତର୍ଜମା କର ।
- ଘଟଣାଟିର ଅକୁହା ବିବରଣୀକୁ ନିରୂପଣ କର ।

ଶ୍ରବଣ ସମୟରେ ଶ୍ରୋତାର ମନରେ ଉଭୟ ପ୍ରକ୍ରିୟା ସମାନ୍ତରାଳ ଭାବରେ ଘଟିଥାଏ । କେଉଁ ପ୍ରକ୍ରିୟା କିଭଳି ଭାବରେ କାର୍ଯ୍ୟ କରିବ ତାହା ଶ୍ରୋତା ଶ୍ରବଣ କରୁଥିବା ବିଷୟ ଓ ସେଥିରେ ଶ୍ରୋତା କେତେ ମାତ୍ରାରେ ପରିଚିତ ତଥ୍ୟର ପରିମାଣ ଓ ପ୍ରକାର ଏବଂ ସର୍ବୋପରି ଶ୍ରୋତାର ଶ୍ରବଣର ଉଦ୍ଦେଶ୍ୟ ଉପରେ ନିର୍ଭରକରିଥାଏ ।



ଟିପ୍ପଣୀ

**ଶିକ୍ଷଣ ପ୍ରଗତିର ଆତ୍ମ ମୂଲ୍ୟାଙ୍କନ**

୧) ଶ୍ରବଣ ସମୟରେ ଆମେ କେତୋଟି ଉପାୟରେ ଅର୍ଥ ବୋଧ କରିଥାଉ ।

କ) ଏକ ଗୋଟିଏ (ଖ) ଦୁଇଟି (ଗ) ତିନୋଟି (ଘ) ଚାରୋଟି

୨) ଶବ୍ଦଗୁଡ଼ିକୁ ଆଧାର କରି ଆମେ ଗୋଟିଏ ବାର୍ତ୍ତାଳାପକୁ କିପରି ବୁଝିଥାଉ ? ଉଦାହରଣ ସହ ବୁଝାଅ ।

________________________________________

________________________________________

୩) ଶବ୍ଦଗୁଡ଼ିକ ଆଧାର କରି ଅର୍ଥ ବୋଧକରିବା ଏବଂ ପୂର୍ବଜ୍ଞାନକୁ ଆଧାର କରି ଅର୍ଥ ବୋଧ କରିବା ମଧ୍ୟରେ ପାର୍ଥକ୍ୟ କ'ଣ ?

________________________________________

________________________________________

୪) ରବି କହିଲା, ''ମୁଁ ଜଣେ ଦନ୍ତ ଚିକିତ୍ସକଙ୍କୁ ଦେଖାକରିବାକୁ ଯାଉଛି'' । ଉକ୍ତବାକ୍ୟଟି ତୁମ ମନରେ କି କି ପ୍ରଶ୍ନ ସୃଷ୍ଟି କରୁଛି ?

________________________________________

________________________________________

________________________________________

## ୪.୨.୨ କଥନ କ'ଣ ?

'କଥନ' କେବଳ ଶବ୍ଦ ଓ ବାକ୍ୟ ଗୁଡ଼ିକର ସାଧାରଣ ଉଚ୍ଚାରଣ ନୁହେଁ । ଜିନ୍ ଏଟିସନ୍ ତାଙ୍କ ବହି 'The Articulate Mammal' ରେ ମନୁଷ୍ୟର ଭାଷାଗତ ବୋଧଗମ୍ୟତା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ କଥନ ସମୟରେ ଆମେ ବେଳେବେଳେ ଅନେକ ପ୍ରକ୍ରିୟା ସହିତ ଜଡ଼ିତ ହେଉଁ । ଆମେ କ'ଣ କହିବା ଦରକାର, ଯାହାଦ୍ୱାରା କି ଶ୍ରୋତା ଆମ କଥାକୁ ବୁଝିପାରିବ ତାହା ଆମେ କହିବା ପୂର୍ବରୁ ମନରେ ଯୋଜନା କରିଥାଉ । କ'ଣ କହିବାକୁ ହେବ ଏବଂ କିପରି କହିବାକୁ ହେବ ଆମେ ସ୍ଥିର କରିଥାଉ ଯାହାକି ଆମେ କାହାକୁ କହୁଛୁ ତାହା ଉପରେ ବିଶେଷ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଆମେ ଗୋଟିଏ କଥାକୁ ଯଦି ଆମ ବନ୍ଧୁଙ୍କୁ କିମ୍ବା ଆମ ବୁଢ଼ାବାପାଙ୍କୁ କହୁ , ତେବେ ଆମ କହିବା ପ୍ରଣାଳୀ ଏବଂ ଶବ୍ଦ ଚୟନରେ ମଧ୍ୟ ପାର୍ଥକ୍ୟ ରହିବ ।



ଟିପ୍ପଣୀ

ମାତ୍ର ଉଭୟ ପରିସ୍ଥିତିରେ ପ୍ରଥମେ କ'ଣ କରିବାକୁ ହେବ ଆମେ ଯୋଜନା କରୁ । ପ୍ରଥମେ କ'ଣ କହିବାକୁ ହେବ ଏବଂ ତା'ପରେ କ'ଣ କହିବାକୁ ହେବ ତା'ର ଚିନ୍ତନ ପ୍ରକ୍ରିୟା ଆମେ ପ୍ରଥମେ କରିଥାଉଁ । ଆମେ ବର୍ତ୍ତମାନ ଏକ ଉଦାହରଣ ସାହାଯ୍ୟରେ ବୁଝିପାରିବା ।

- ମୁଁ ଆଜି ଘରକୁ ବିଳମ୍ବରେ ଫେରିବି ।
- ମାଆ ବିରକ୍ତ ହେବେ
- ମୋତେ ଆଜି ବାହାରେ ରହିବାକୁ ପଡ଼ିବ ।

ଉପରୋକ୍ତ ୩ଟି ବାକ୍ୟର ଗଠନ ସରଳ ଅଟେ । ଆମେ ଉପରୋକ୍ତ ବାକ୍ୟଗୁଡ଼ିକ ଏହି କ୍ରମରେ କହିଲେ ସେଗୁଡ଼ିକ କହିବା ଏବଂ ବୁଝିବାପାଇଁ ସହଜ ହେବ । ବର୍ତ୍ତମାନ ଆମେ ଯଦି ଉକ୍ତ ବାକ୍ୟଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ କରେଇବା, ସେଗୁଡ଼ିକ କ'ଣ ଆଗଭଳି ସହଜ ହେବକି ? 'ମୁଁ ଯଦି ଆଜି ଘରକୁ ବିଳମ୍ବରେ ଫେରେ ତେବେ ମାଆ ରାଗିବେ ଏବଂ ଏପରିକି ମୋତେ ବାହାରେ ରହିବାକୁ ପଡ଼ିବ କିମ୍ବା କୌଣସି ବନ୍ଧୁଙ୍କ ଘରକୁ ଯିବାକୁ ପଡ଼ିବ । ଉପରୋକ୍ତ ବାକ୍ୟରେ 'ତେବେ', 'ଯଦି' ଉପରେ ନିର୍ଭରଶୀଳ । ସେହିପରି 'ନତୁବା' ଏବଂ 'କିମ୍ବା' ପରସ୍ପର ସମ୍ପୃକ୍ତ । ତେଣୁ ସ୍ପଷ୍ଟଭାବରେ ଦେଖିଲେ କହିବା ପୂର୍ବରୁ, ପୂର୍ଣ୍ଣ ବାକ୍ୟଟି ଏହାର ଉଚ୍ଚାରଣ ଏବଂ ଆବେଦନ, ମନଭିତରେ ଆଙ୍କି ହୋଇଥାଏ । ଏସବୁ ଯୋଜନାବଦ୍ଧ ଭାବରେ ଘଟିଥାଏ ।

(ଜିନ ଏଇ ଚିନ୍‌ଙ୍କର ବହି 'The Articulate Mammal' ଉପରେ ଆଧାରିତ ।)

ଉପରୋକ୍ତ ଉଦାହରଣରୁ ଏହା ସ୍ପଷ୍ଟ ଯେ କଥୋପକଥନ ସମୟରେ କ'ଣ କହିବାକୁ ହେବ ତାହାର ଯୋଜନା ଚାଲୁରଖିବା ଉଚିତ୍ । ଏହା ନିରାଧାର । ଉକ୍ତ ପ୍ରକ୍ରିୟା ଏତେ ଶୀଘ୍ର ଘଟେ ଯେ କହିବା ସମୟରେ ତା'ର ଯୋଜନାର ଉପସ୍ଥିତିକୁ ଆମ୍ଭେମାନେ ଅନୁଭବ କରିପାରୁନା । ମାତୃଭାଷା ବ୍ୟବହାରରେ ଏହା ଅଧିକ ପ୍ରାସଙ୍ଗିକ ହୋଇଥାଏ । ଦ୍ୱିତୀୟ ଭାଷା ଶିକ୍ଷଣ ପ୍ରକ୍ରିୟାରେ ଏହି ପ୍ରକ୍ରିୟା ଗୁଡ଼ିକ କଥନ ସମୟରେ ସ୍ପଷ୍ଟଭାବରେ ନିରୀକ୍ଷଣ କରାଯାଇପାରେ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ମନର ଭାବନା ଓ ଅନୁଭବକୁ ପ୍ରକାଶ କରିବା ନିମନ୍ତେ ଉପଯୁକ୍ତ ଶବ୍ଦ ଚୟନ ସହିତ ବ୍ୟାକରଣଗତ ଗଠନ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍ । ହିନ୍ଦୀ ଭାଷାରେ ବାକ୍ୟର ଗଠନ ହେଉଛି – କର୍ତ୍ତା + କର୍ମ + କ୍ରିୟା ଏବଂ କହିବା ପୂର୍ବରୁ ମନରେ ଯୋଜନା ସମୟରେ ଏହି ବାକ୍ୟ ଗଠନ ପ୍ରକ୍ରିୟା ଠିକ୍ ଭାବରେ ଆଙ୍କି ହୋଇଥାଏ ଏବଂ ଏଥିରେ ସନ୍ଦେହ ନାହିଁ ।

ସ୍ୱରସମତା, ବିରାମ ଏବଂ ଏପରିକି ଧ୍ୱନି ମଧ୍ୟ କଥନ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବର୍ତ୍ତମାନ ଆମେ ବିରାମର ଭୂମିକାକୁ ନିମ୍ନ ଉଦାହରଣ ମାଧ୍ୟମରେ ବୁଝିପାରିବା ।

- ପରିଦର୍ଶକ, କହିଲେ ପ୍ରଧାନଶିକ୍ଷକ, ଜଣେ ବୋକା ।
- ପରିଦର୍ଶକ କହିଲେ, ପ୍ରଧାନ ଶିକ୍ଷକ ଜଣେ ବୋକା ।

ଟିପ୍ପଣୀ

ଉପରୋକ୍ତ ବାକ୍ୟରେ ବିରାମ ଚିହ୍ନ (,)ର ପରିବର୍ତ୍ତନରେ ଅର୍ଥ ମଧ୍ୟ ପରିବର୍ତ୍ତନ ହୋଇପାରେ ଏବଂ ପ୍ରଥମ ବାକ୍ୟରେ ଅର୍ଥ ଦ୍ୱିତୀୟ ବାକ୍ୟରେ ବିପରୀତ ଅଟେ । ଏହିପରି ଅର୍ଥ ପରିପ୍ରକାଶ ଭାଷା ଶିକ୍ଷାରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ସଦୃଶ ।

ସେହିପରି ଆମେ କଥନ ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦକୁ ଉଚ୍ଚାରଣ କରିବାବେଳେ ବିଭିନ୍ନ ତାଳ ବା ଶବ୍ଦ ଦେଇ ଉଚ୍ଚାରଣ କରିଥାଉଁ । ଏହା ମଧ୍ୟ ବାକ୍ୟର ଅର୍ଥ ପରିପ୍ରକାଶରେ ପ୍ରଭାବ ପକାଇଥାଏ ।

'ଏଇଟି ବିଦ୍ୟାଳୟ'

ଉପରୋକ୍ତ ବାକ୍ୟଟି ଏକ ପ୍ରଶ୍ନ, ବିସ୍ମୟ, କଟୁକ୍ତି କିମ୍ୱା ସାଧାରଣ ଭାବେ ତଥ୍ୟ ଆଧାରିତ ଯାହାକି ଏହାର ଉଚ୍ଚାରଣ ଉପରେ ନିର୍ଭରଶୀଳ । ସେହିପରି କଥନ ସମୟରେ ଅଣକ୍ରିୟା ସଙ୍କେତ, ଚିହ୍ନ ବା ବିଭିନ୍ନ ଅଙ୍ଗଭଙ୍ଗୀ ମଧ୍ୟ ଭାଷାର ଅର୍ଥ ପରିପ୍ରକାଶରେ ସାହାଯ୍ୟ କରେ ।

## ପ୍ରଗତି ଭିତ୍ତିକ ଆତ୍ମ ମୂଲ୍ୟାୟନ - ୩

୧) ନିମ୍ନୋକ୍ତ କେଉଁଟି ଓଡ଼ିଆ ଭାଷାର ବାକ୍ୟର ଗଠନ ଶୈଳୀ ?

କ) କର୍ତ୍ତା + କ୍ରିୟା + କର୍ମ (ଖ) କର୍ତ୍ତା + କର୍ମ + କ୍ରିୟା

ଗ) କ୍ରିୟା + କର୍ମ + କର୍ତ୍ତା (ଘ) କେଉଁଟିବି ନୁହେଁ

୨) ତିନି / ଚାରି ବର୍ଷ ବୟସର ପିଲାଟିଏ ବ୍ୟବହାର କରୁଥିବା ୧୦ଟି ବାକ୍ୟ ଲେଖ, ଭାଷାଗତ ନୀତି ଦୃଷ୍ଟିରୁ ସେଗୁଡ଼ିକୁ ବିଶ୍ଳେଷଣ କରି ପିଲାଟି କ'ଣ ଜାଣିଥାଏ ସେ ବିଷୟରେ ଉଲ୍ଲେଖ କର ।

୩) ଅଣ ଓଡ଼ିଆ ବ୍ୟକ୍ତି ବ୍ୟବହାର କରୁଥିବା ୫ଟି ଓଡ଼ିଆ ବାକ୍ୟର ତାଲିକା କର । ସେଗୁଡ଼ିକ ବିଶ୍ଳେଷଣ କରି ତା'ର ଅସୁବିଧାଗୁଡ଼ିକ ଉଲ୍ଲେଖ କର ।

୪) ଶ୍ରେଣୀ ଗୃହରେ ଭାଷା ଶିକ୍ଷଣରେ ଶ୍ରବଣ ଏବଂ କଥନ ହେଉଛି ଦୁଇଟି ପ୍ରଥମ ପର୍ଯ୍ୟାୟ । ଏହା ମଧ୍ୟ ସତ୍ୟ ଯେ ବାର୍ତ୍ତାଳାପ ସମୟରେ ଏ ଦୁଇଟି ପ୍ରକ୍ରିୟା ଏକ ସମୟରେ ଘଟିଥାଏ । ତୁମ ମତରେ ପ୍ରଥମ ନା ଦ୍ୱିତୀୟ ନା ଉଭୟ ପ୍ରକ୍ରିୟା ଗ୍ରହଣୀୟ ?

ଏହା ବହୁ ସମୟରେ ଦେଖାଯାଏ ଯେ, ଭାଷା ଶିକ୍ଷାଦାନ ଶ୍ରେଣୀ ଗୃହରେ ପିଲାମାନେ ଶିକ୍ଷକଙ୍କ ଭାଷଣକୁ ନୀରବ ଭାବରେ ଶୁଣନ୍ତି ଏବଂ ଶିକ୍ଷକମାନେ ପିଲାମାନଙ୍କୁ ପ୍ରଶ୍ନସବୁ ପଚାରନ୍ତି । ମାତ୍ର ପିଲାମାନଙ୍କର ଯୋଗଦାନ କେବଳ ଉତ୍ତର ଦେବାରେ ସୀମିତ ଥାଏ । ଏହାକୁ କଥୋପଥନ କୁହାଯାଏ ନାହିଁ । କଥୋପକଥନରେ ଛାତ୍ରଛାତ୍ରୀମାନେ ବିନାଚାପରେ, ସ୍ୱାଧୀନଭାବରେ ଭାବ, ଆବେଗ, ଚିନ୍ତନ, ଅନୁଭୂତିକୁ ପରିପ୍ରକାଶ କରିବା ଉଚିତ୍ । ଶିକ୍ଷକମାନଙ୍କର ସାଧାରଣ ଧାରଣା ଥାଏ ଯେ ଛାତ୍ରଛାତ୍ରୀମାନଙ୍କର ଏ ସ୍ୱାଧୀନତା ଶ୍ରେଣୀର ଶୃଙ୍ଖଳାକୁ ନଷ୍ଟ କରିବା ସହିତ ଶ୍ରବଣ ମଧ୍ୟ ବ୍ୟାଘାତ ହୋଇଥାଏ । ଶିକ୍ଷକମାନଙ୍କର ଏଭଳି ମନୋଭାବଦ୍ୱାରା ପିଲାମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ କଥୋପକଥନ ଭୂମିକାକୁ ବୁଝିବାକୁ ଅସମର୍ଥ ହୁଅନ୍ତି ।

ପ୍ରାଥମିକ ସ୍ତରରେ ପିଲାମାନେ ସହଜରେ ନିଜ ମାତୃଭାଷା (ଘରେ ବ୍ୟବହୃତ ଭାଷା) ମାଧ୍ୟମରେ ବାର୍ତ୍ତାଳାପ କରିପାରନ୍ତି ଏବଂ ସହଜରେ ବୁଝିପାରନ୍ତି । ଏହାର କାରଣ ହେଉଛି ବିଦ୍ୟାଳୟକୁ ଆସିବା ପର୍ଯ୍ୟନ୍ତ ସେମାନେ ଏହାକୁ ବ୍ୟବହାର କରନ୍ତି ଏବଂ ବିଦ୍ୟାଳୟରେ ଏକ ନୂତନ ଭାଷା ସହିତ ପରିଚିତ ହୁଅନ୍ତି । ପିଲାମାନଙ୍କୁ ବିଦ୍ୟାଳୟର ଭାଷା ବ୍ୟବହାର କରିବାକୁ ବାଧ କରାଗଲେ ସେମାନେ ଅସୁବିଧାରେ ପଡ଼ିଥାନ୍ତି । ପ୍ରକୃତରେ ଉଭୟ ଭାଷାର ବ୍ୟବହାର ଆବଶ୍ୟକତା ଶ୍ରେଣୀ ପ୍ରକୋଷ୍ଠରେ ରହିଛି । ଏହି ଭାଷାଗୁଡ଼ିକ ମଧ୍ୟରେ ଥିବା ଦୂରତାକୁ କମ୍ କରିବା ନିମନ୍ତେ ପିଲାମାନଙ୍କୁ ଭାଷା ଦୁଇଟିର ବ୍ୟବହାର ପାଇଁ ପର୍ଯ୍ୟାପ୍ତ ପରିମାଣର ସୁଯୋଗ ପ୍ରଦାନ କରିବା ଉଚିତ୍ । ଉକ୍ତ ପ୍ରାଥମିକ ସୁଯୋଗରେ ପିଲାଟିଏ ନିଜ ପରିବେଶକୁ ସମ୍ମାନଦେବା ସହିତ ଆତ୍ମବିଶ୍ୱାସୀ ହେବା ନିମନ୍ତେ ଭାଷାକୁ ସରଳ କରିବା ସହିତ ଭାଷା ବ୍ୟବହାର ଉପଯୋଗୀ ହେବା ଉଚିତ୍ । ପିଲାମନରେ ଆଗ୍ରହ ସୃଷ୍ଟି ପାଇଁ ଏଭଳି ଉତ୍ସାହ ନୂତନ ଭାଷା ଶିକ୍ଷଣରେ ସହାୟକ ହୋଇଥାଏ ।

ପିଲାମାନେ ଉଦ୍ଦେଶ୍ୟ ବିହୀନ କଥୋପକଥନରେ ବ୍ୟସ୍ତରହିବା ଅନୁଚିତ । ନିମ୍ନଲିଖିତ ପ୍ରାକୃତିକ କଥୋପକଥନକୁ ପଢ଼ିଲେ ଆମେ ସହଜରେ ଏକଥା ବୁଝିପାରିବା ।

## ବ୍ୟଙ୍ଗଚିତ୍ର : ପାର୍ଶ୍ୱବର୍ତ୍ତୀ ଚିତରେ ନିମ୍ନଲିଖିତ ପରିବର୍ତ୍ତନ କର ।




ବାଳିକା – ଦେଖ, ମହିଳା ଜଣକ ଆଜି ମୁଦିଟିଏ ପିନ୍ଧିଛନ୍ତି ।
ବାଳକ – ତୁମେ ଏହାକୁ ଆଗରୁ ଦେଖିନଥିଲ ?
ବାଳିକା – ନା – ହଁ, ହଁ ମୁଁ ଆଗରୁ ଦେଖିଥିଲି,
ବାଳକ – ଓଃ – ଏହା କିନ୍ତୁ ଏକ ଅଲଗା ମୁଦି ।
ବାଳିକା – ମହିଳା ଜଣକ ଗୋଟିଏ ନୂଆ ମୁଦି କିଣିଛନ୍ତି ।
ଏହା ପୂର୍ବ ମୁଦିଠାରୁ ସାନ ଅଟେ ।
ବାଳକ – ନା, ଏହା ଟିକେ ପତଳା ଅଟେ

ଏଠାରେ ପିଲାମାନେ କଥୋପକଥନରେ ନିଯୁକ୍ତ ରହିଲେ ସେମାନେ ଶିକ୍ଷଣ ସୁଯୋଗକୁ ଜାଣିପାରନ୍ତି । ଆସ, ଆମେ ଏଗୁଡ଼ିକ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା : ବାଳକର କଥାକୁ ଶୁଣିବାପରେ

ଟିପ୍ପଣୀ

ଟିପ୍ପଣୀ

ବାଳିକାଟି ନିଜର ବକ୍ତବ୍ୟକୁ ପୁଣିଥରେ ଅର୍ଥ ପରିବାର ସୁଯୋଗ ପାଇଲା ଯେ ମହିଳାଜଣଙ୍କ ଆଗରୁ ମଧ୍ୟ ଗୋଟିଏ ମୁଦି ପିନ୍ଧିଥିଲେ । ପିଲାମାନେ ମଧ୍ୟ ନୂଆ, ପୁରୁଣା ଏବଂ ଛୋଟ, ପତଳା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ପାରନ୍ତି ।

ଗୋଟିଏ କଥୋପକଥନର ଉପକାରିତା ବିଷୟରେ ସଚେତନ ହେବାକୁ ହେଲେ ଆମେ ପିଲାମାନଙ୍କ କଥାକୁ ଶୁଣିବା ଦରକାର । କିନ୍ତୁ ବୟସ୍କ ବ୍ୟକ୍ତିମାନେ ପିଲାମାନଙ୍କ କଥାକୁ ଶୁଣନ୍ତି ନାହିଁ । ଯେକୌଣସି କଥୋପକଥନରେ ପିଲାମାନେ ନିଜ ବକ୍ତବ୍ୟକୁ ନିରୀକ୍ଷଣ କରିବା, ତୁଳନା କରିବା, କଳ୍ପନା କରିବା ଓ

ଅନୁମାନକରିବା ସହିତ ଯୁକ୍ତିଯୁକ୍ତ ଭାବରେ ତାକୁ ବଳିଷ୍ଠ କରିଥାନ୍ତି । ଆମକୁ ତେଣୁ ପିଲାମାନଙ୍କ ପାଇଁ କଥୋପକଥନ ମାଧ୍ୟମରେ ଭାଷାଶିକ୍ଷାର ସମ୍ଭାବନକୁ ଚିହ୍ନଟ କରିବାକୁ ହେବ ।

## ପ୍ରଗତି ଭିତ୍ତିକ ଆତ୍ମମୂଲ୍ୟାୟନ - ୪

୧) ନିମ୍ନୋକ୍ତ କେଉଁ ଦୁଇଟି ଦକ୍ଷତା ପ୍ରକ୍ରିୟା କଥୋପକଥନ ସମୟରେ ଏକ ସମୟରେ ଘଟିଥାଏ ।

କ) ଶ୍ରବଣ ଓ ଦର୍ଶନ (ଖ) ପଠନ ଓ ଶ୍ରବଣ

(ଗ) ଶ୍ରବଣ ଓ କଥନ (ଘ) ଶ୍ରବଣ ଓ ଲିଖନ

୨) ଶ୍ରେଣୀ ପ୍ରକୋଷ୍ଠରେ ପିଲାମାନଙ୍କର କଥୋପକଥନ ସମୟରେ ଶିକ୍ଷକମାନେ କ'ଣ କରନ୍ତି ?

_______________

_______________

_______________

୩) ଶ୍ରେଣୀ ପ୍ରକୋଷ୍ଠରେ ପିଲାମାନଙ୍କ କଥୋପକଥନ ନିମନ୍ତେ ସୁଯୋଗ ସୃଷ୍ଟିକରିବା ନିମନ୍ତେ ଶିକ୍ଷକଙ୍କ ଭୂମିକା କିଭଳି ହେବା ଉଚିତ୍ ?

_______________

_______________

_______________

୪) ତୁମ ପଡ଼ୋଶୀଙ୍କ ୩-୬ ବର୍ଷ ବୟସର ପିଲାଙ୍କ ବାର୍ତ୍ତାଳାପକୁ ନିରୀକ୍ଷଣ ପର୍ଯ୍ୟବେକ୍ଷଣ କରି ତୁମର ଅଭିଜ୍ଞତା ଲେଖ । ବର୍ତ୍ତମାନ ସେସବୁ ଅନୁଶୀଳନକରି ଉପରୋକ୍ତ ଆଲୋଚିତ କେଉଁ ଉପାଦାନ ଗୁଡ଼ିକ ସେ କଥୋପକଥନରେ ଉପଲବ୍ଧ ତା' ବର୍ଣ୍ଣନା କର ।

_______________

_______________

_______________



ଟିପ୍ପଣୀ

## ୪.୪ ଶ୍ରେଣୀ ପ୍ରକୋଷ୍ଠରେ ଶ୍ରବଣ ଏବଂ କଥନର ବିକାଶ ନିମନ୍ତେ ଆମ୍ଭେ କିଭଳି ସୁଯୋଗ ସୃଷ୍ଟି କରିବା ।

ବିଦ୍ୟାଳୟ ଗୁଡ଼ିକ ଗ୍ରୀଷ୍ମ ଅବକାଶରେ ଖୋଲାଯାଇଥିଲା । ବର୍ଷାଯୋଗୁଁ ଚାରିଆଡ଼େ ଖାଲଗୁଡ଼ିକର ପାଣି ପୂରି ରହିଥିଲା । ଜଣେ ଶିକ୍ଷକ ତାଙ୍କ ଶ୍ରେଣୀରେ ପାଠ ପଢ଼ାଉଥିଲେ । ପଛ ଧାଡ଼ିରେ ବସିଥିବା ଦୁଇଜଣ ସାଙ୍ଗ ପରସ୍ପର ମଧ୍ୟରେ କଥା ହେଉଥିଲେ । ଶିକ୍ଷକ ହଠାତ୍ ସେମାନଙ୍କୁ ଦେଖିଲେ ଏବଂ ସ୍ନେହରେ କହିଲେ, ''ଘଟଣା କ'ଣ ?, ମୋତେ କୁହ । ତୁମେ ଦୁଇଜଣ କେଉଁ ବିଷୟରେ କଥା ହେଉଛ ? ଯଦି କିଛି ମଜାକଥା ଅଛି , ତୁମେ ତୁମ ସାଙ୍ଗମାନଙ୍କୁ ମଧ୍ୟ କୁହ ।'

ପିଲା ଦୁଇ ଜଣ ଡରିଗଲେ ଏବଂ କିଛି ସମୟ ନୀରବ ରହିଲେ । ତା'ପରେ ଶିକ୍ଷକ କହିଲେ 'ଭୟ କର ନାହିଁ, କେଉଁ ବିଷୟରେ କଥା ହେଉଥିଲ ?'

ଜଣେ ପିଲା ସାହାସର ସହିତ କହିଲା - 'ଆମେ ଘରୁ ଆସିବାବେଳେ ବେଙ୍ଗମାନେ ବଡ଼ପାଟି କରୁଥିବାର ଶୁଣିଲୁ ।'

ଶିକ୍ଷକ ଉତ୍ସାହିତ ସ୍ୱରରେ କହିଲେ, 'ଆରେ ! ତା'ପରେ କ'ଣ ହେଲା ?'

ପିଲାମାନେ : ବେଙ୍ଗମାନେ ଖାଲ ବାହାରେ ଡେଉଁଥିଲେ । ବେଙ୍ଗଗୁଡ଼ିକ ବଡ଼ଥିଲେ ।

ଶିକ୍ଷକ : ତା'ପରେ କ'ଣ ହେଲା ?

ପିଲାମାନେ : ତା'ପରେ ... ତା'ପରେ ଆମେ ତାଙ୍କ ପାଖକୁ ଯିବାରୁ ସେମାନେ ଖାଲ ଭିତରକୁ ଡେଇଁଲେ ।

ଉଭୟ ପିଲା ସାହାସ ବାନ୍ଧିଲେ, ସେମାନେ ବୁଝିପାରିଲେ ଯେ ସେମାନେ ଏ କଥା କହିଲେ ଶିକ୍ଷକ ଗାଳି କରିବେ ନାହିଁ ।

ଜଣେ ପିଲା ଶିକ୍ଷକଙ୍କୁ ପଚାରିଲା, ''ବେଙ୍ଗମାନେ ବର୍ଷାପରେ କୁଆଡ଼େ ଯାଆନ୍ତି''? ଶିକ୍ଷକ ପଢ଼ାଉଥିବା ପାଠକୁ ଛାଡ଼ିଦେଇ ପିଲାମାନଙ୍କ ପ୍ରସଙ୍ଗକୁ ଗ୍ରହଣ କଲେ । ଆଛା,କହିଲ, 'କିଏ ଗୋଟିଏ ବେଙ୍ଗ ଦେଖିଛ ?' ଶ୍ରେଣୀରେ ଏଭଳି ପିଲା ନଥିଲେ ଯେ କି ଆଗରୁ ବେଙ୍ଗ ଦେଖିନଥିଲେ । ଶିକ୍ଷକଙ୍କର ଏ ପ୍ରଶ୍ନର ସବୁପିଲା 'ହଁ' ବୋଲି ବଡ଼ପାଟିରେ ଏକ ସ୍ୱରରେ କହିଲେ । ଶ୍ରେଣୀରେ ଥିବା ପ୍ରତ୍ୟେକ ପିଲା ଏ ବିଷୟରେ କିଛି କରିବାକୁ ଆଗ୍ରହୀ ହେବାକୁ ଲାଗିଲେ । ଗୋଟିଏ ପିଲା କହିଲା, ବେଙ୍ଗମାନେ ବର୍ଷା ସମୟରେ 'ଟୁଇଟର' 'ଶବ୍ଦ' କରନ୍ତି ।

ଅନ୍ୟ ଏକ ପିଲା କହିଲା, 'ଆମ ବାଡ଼ି ଖୋଳା ହେଉଥିଲାବେଳେ ତା'ଭିତରୁ ବେଙ୍ଗମାନେ ବାହାରିଲେ ।'

ଅନ୍ୟ ପିଲାଟିଏ ବେଙ୍ଗଟିଏ ପୋକ ଖାଉଥିଲା ବୋଲି ମଧ୍ୟ କହିଲା । କେହି ଜଣେ କହିଲା, 'ବେଙ୍ଗମାନେ କୂଅଭିତରୁ ବାହାରକୁ ଡେଇଁପାରନ୍ତି । ସମ୍ପୂର୍ଣ୍ଣ ପରିବେଶଟି ବେଙ୍ଗମୟ ହୋଇଗଲା । କିଛି ପିଲା ବେଙ୍ଗର ଶବ୍ଦ କରିବାବେଳେ କିଛି ପିଲା ବେଙ୍ଗଭଳି ଡେଉଁଥିଲେ ।

ଟିପ୍ପଣୀ

ଶିକ୍ଷକ ଅତି ଯତ୍ନର ସହିତ ପିଲାମାନଙ୍କ ବାର୍ତ୍ତାଳାପକୁ ଶୁଣୁଥିଲେ ଏବଂ ସେମାନଙ୍କ କାର୍ଯ୍ୟକଳାପକୁ ଦେଖୁଥିଲେ । ଏହା ଭିତରେ ଶିକ୍ଷକ ଚତୁରତାର ସହିତ ଭିତରେ ଭିତରେ ଶୃଙ୍ଖଳା ରକ୍ଷାପାଇଁ ଚେଷ୍ଟିତ ଥିଲେ । ଶିକ୍ଷକ ପିଲାମାନଙ୍କୁ କହିଲେ, 'ଦେଖ, ବର୍ତ୍ତମାନ ତୁମ ଚାରିପଟେ ଥିବା ବେଙ୍ଗମାନଙ୍କୁ ନିରୀକ୍ଷଣ କର ଏବଂ ଲକ୍ଷ୍ୟକର ଯେ ସେମାନେ ବର୍ଷାପରେ କୁଆଡ଼େ ଯାଆନ୍ତି ।

ପରିଶେଷରେ ଶିକ୍ଷକ ବେଙ୍ଗ ବିଷୟରେ ୫ଟି ବାକ୍ୟ ଲେଖିବାପାଇଁ ପିଲାମାନଙ୍କୁ କହିଲେ । କଥୋପକଥନରେ ଶିକ୍ଷକ ବେଙ୍ଗମାନଙ୍କ ଅଭ୍ୟାସ, ଖାଦ୍ୟ, ରଙ୍ଗ, ଆକାର, ପ୍ରକାର ଓ ପ୍ରକୃତି ବିଷୟରେ ଅତି ସରଳ ଭାବରେ ଆଲୋଚନା କରିପାରିଲେ । ଯଦି ପିଲାମାନଙ୍କୁ ଏହିପରି ସୁଯୋଗ ଦିଆଯାଏ, ତେବେ ସେମାନେ ଧୀରେ ଧୀରେ ନିଜର ଭାବ, ଚିନ୍ତନ, ଅନୁଭୂତି ବିଷୟରେ କହିପାରିବେ ଏବଂ ଅଭିଜ୍ଞତା ସହିତ ସମ୍ପର୍କ ସୃଷ୍ଟି କରିପାରିବେ, ସେମାନେ ମଧ୍ୟ ବିଭିନ୍ନ ବିଷୟରେ ଥିବା ଜ୍ଞାନକୁ ବୋଧକରିବା ସହିତ ଜ୍ଞାନ ଆହରଣ କରିପାରିବେ । ଶିକ୍ଷକମାନେ ଏ ସବୁ ସୁଯୋଗପାଇଁ ବାହାରକୁ ଯିବା ଆବଶ୍ୟକ ନାହିଁ, ବରଂ ନିଜ ବିଦ୍ୟାଳୟ ପରିବେଶରେ ଥିବା କିମ୍ବା ଚତୁଃପାର୍ଶ୍ୱରେ ଥିବା ବଗିଚା, କ୍ଷେତ, ଗଛ ଲତା, ଫୁଲ, ଫଳ, ଘରଦ୍ୱାର, ପ୍ରଜାପତି, ରାସ୍ତା, ମାଟି, ଫାଟକ, ବସା ପ୍ରଭୃତିକୁ ବ୍ୟବହାର କରିପାରିବେ । ପିଲାମାନେ ଏସବୁକୁ ନିରୀକ୍ଷଣ କରି ସୁନ୍ଦର ଭାବରେ ସହଜରେ ବାର୍ତ୍ତାଳାପରେ ଅଂଶଗ୍ରହଣ କରିପାରିବେ ।



ଟିପ୍ପଣୀ

ଏଠାରେ ଶିକ୍ଷକ କଥନ ନିମନ୍ତେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିବା ସହିତ କହିବାକୁ ଉତ୍ସାହିତ କରିପାରିଲେ ଯଦି ଶିକ୍ଷକ ପିଲାମାନଙ୍କୁ ଉତ୍ସାହିତ କରିନଥାନ୍ତେ ଏଭଳି ମଜା କଥୋପକଥନ ଶ୍ରେଣୀ ପ୍ରକୋଷ୍ଠରେ ସମ୍ଭବ ହୋଇନଥାନ୍ତା । ଏହିପରି ଭାବରେ ପିଲାମାନଙ୍କ ଜୀବନୀ ଏବଂ ଅଭିଜ୍ଞତାକୁ ଶ୍ରେଣୀ ସହିତ ସଲଗ୍ନକରି ଶିକ୍ଷାଦାନ କଲେ ଶିକ୍ଷଣ ପ୍ରକ୍ରିୟା ସ୍ୱତଃ ଏବଂ ପ୍ରାକୃତିକ ହେବ ।

### ପ୍ରଗତିର ଆତ୍ମମୂଲ୍ୟାୟନ -୫

୧) ପିଲାମାନଙ୍କୁ କଥୋପକଥନର ସୁଯୋଗ ଦେବାରେ ସୁବିଧା କ'ଣ ?

କ) ପିଲାମାନେ ନିଜର ଚିନ୍ତା, ଅନୁଭୂତି ପରିପ୍ରକାଶ କରିପାରିବେ ।

ଖ) ଶବ୍ଦ ଶିକ୍ଷାଲାଭ କରିପାରିବେ ।

ଗ) ତାଳ ସୃଷ୍ଟିକରୁଥିବା ଶବ୍ଦ ଶିଖିପାରିବେ ।

ଘ) ପଢ଼ିବା ଶିଖିପାରିବେ ।

୨) ଶିକ୍ଷକ କାହିଁକି ପିଲାମାନଙ୍କୁ କହିବାର ସୁଯୋଗ ପ୍ରଦାନ କରିବା ଉଚିତ୍ ?

___________________________________________

___________________________________________

୩) ଶ୍ରେଣୀ ପ୍ରକୋଷ୍ଠରେ ତୁମେ କିପରି କଥୋପକଥନ ଶିକ୍ଷାଦାନର ମାଧ୍ୟମ ହୋଇପାରିବ ?

___________________________________________

___________________________________________


୪) ତୁମ ମତରେ ଶିକ୍ଷାଦାନ ସମୟରେ ଶ୍ରେଣୀ ପ୍ରକୋଷ୍ଠର ପରିବେଶ କିପରି ହେବା ଉଚିତ୍ ।

___________________________________________

___________________________________________

### ୪.୪.୧ ଗୀତ ଶ୍ରବଣ ଓ ଗାନ (ପିଲାମାନଙ୍କର ଗୀତ / କବିତା)

*Amma's rotis*
*Round and small*
*Puffed up like a ping-pong ball.*
*Amma's rotis on a plate*
*I sat down and finished eight*
*I am a little tea pot*
*Short and stout*
*Here is my handle*
*Here is my spout*
*When i get all steamed up*
*Hear me shout*
*Pick me up and pour me out*
*One, two buckle my shoes*



ଟିପ୍ପଣୀ

*Three, four shut the door*
*Five, six pick up sticks*
*Seven, eight lay them staight*
*Nine, ten a big fat hen*

ଆମେ ବହୁ ସମୟରେ ଦେଖୁ ଯେ, ପିଲାମାନେ ସାହି ଭିତରେ ଆମ ପଡ଼ୋଶୀଘରେ ସେମାନଙ୍କ ସାଙ୍ଗମାନଙ୍କ ସହିତ ଧ୍ୱନିମେଳ ବା ପଦପକା ଗୀତ ଗାଆନ୍ତି । ଗାଇବା ସମୟରେ ସେମାନେ ଲାଜ, ଗାଳି ବା ଧମକକୁ ଖାତିର କରିନଥାଆନ୍ତି । ପ୍ରତ୍ୟେକ ପିଲା ଗୀତର ତାଳକୁ ଉପଭୋଗ କରନ୍ତି ।

ଅନେକ ସମୟରେ ସେମାନେ ନିଜେ ନିଜେ ଅର୍ଥକୁ ଯୋଡ଼ି ଗାଇଥା'ନ୍ତି କିମ୍ବା ଅର୍ଥକୁ ଭୁଲିଯାଇ ଅର୍ଥବିହୀନ ଶବ୍ଦ ବ୍ୟବହାର କରି ତାଳର ମଜା ନିଅନ୍ତି । ଏହି ଶବ୍ଦ ଗୁଡ଼ିକ ସହିତ ଖେଳିବାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ତଥା ଅନ୍ତର୍ନିହିତ ଶକ୍ତିର ବିକାଶ ହୋଇଥାଏ । ଏକଥା ନିମ୍ନ କବିତାରୁ ଆମେ ବୁଝିପାରିବା

**<u>Original Rhyme</u>**

Five little monkeys
Jumping on the bed
One feel down and
Bumped his head
Mana called doctor
Doctor said
No more monkey jumping on the bed

ସାଧାରଣତଃ, ଗୀତସବୁ ଗାଇବା ସମୟରେ ପିଲାମାନେ କିଛି ଶବ୍ଦ ଯୋଗ କରନ୍ତି କି କାଢ଼ିନିଅନ୍ତି, କିନ୍ତୁ କବିତାର ତାଳ ଭାଙ୍ଗିନଥାଏ । ଉଦାହରଣ ସ୍ୱରୂପ ୪ ବର୍ଷ ବୟସର ଗୋଟିଏ ପିଲା ଗାଇଥିବା ନିମ୍ନ କବିତାକୁ ଅନୁଧ୍ୟାନ କରିବା :

Three little babies
Jumping on the bed
All fell down
And bumped their head
Mama came in
And all of them said
No more babies jumping on the bed.

କବିତା ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ ଯାହାକି, ବ୍ୟକ୍ତିର ଆତ୍ମପ୍ରକାଶ କରିବା ସହିତ ବ୍ୟକ୍ତିର ଜୀବନ ସହିତ ସମ୍ପର୍କ ସୃଷ୍ଟିକରିଥାଏ । ନିୟମିତ ଭାବରେ ଗୀତ ବା କବିତା ଶୁଣିବାଦ୍ୱାରା ପିଲାମାନେ



ଟିପ୍ପଣୀ

ଭାଷାର ମୌଳିକ ଗଠନ ବିଷୟରେ ଧାରଣା ପାଇପାରନ୍ତି । ଉଦାହରଣ ସ୍ୱରୂପ ଗୋଟିଏ କବିତାର ତାଳକୁ ଉପଭୋଗ କରିବା ସମୟରେ ବିଭିନ୍ନ ନୂତନ ଶବ୍ଦ ବିଷୟରେ ଜ୍ଞାନ ଆହରଣ କରନ୍ତି, ଏକ ସମୟରେ କବିତା ପିଲାମାନଙ୍କୁ ସେମାନଙ୍କର ଅଭିଜ୍ଞତା ସହିତ ସମ୍ପର୍କ ସ୍ଥାପନ କରିପାରେ । ଗୋଟିଏ ଏକ ପ୍ରକାରର କବିତାକୁ ଯଦି ଦୁଇଜଣ ପିଲା ପଢ଼ନ୍ତି, ତେବେ ଉଭୟ ପୃଥକ୍ ଭାବେ ନିଜ ଅନୁଭୂତି ଓ ଅଭିଜ୍ଞତା ସହିତ କବିତାକୁ ବ୍ୟବହାର କରିପାରନ୍ତି ।

ଏ ସବୁ ଦୃଷ୍ଟିରୁ ଦେଖିଲେ, ଶିକ୍ଷକମାନେ ଶ୍ରେଣୀ ପ୍ରକୋଷ୍ଠରେ କବିତା ଗୁଡ଼ିକର ସଦୁପଯୋଗ କଲେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ହେବା ସଙ୍ଗେ ସଙ୍ଗେ ସେମାନେ ନିଜର ଅନୁଭୂତି ଓ ଅଭିଜ୍ଞତାକୁ କବିତା ବା ଗୀତ ମାଧ୍ୟମରେ ପ୍ରକାଶ କରିପାରିବେ ।

## ପ୍ରଗତିର ଆତ୍ମ ମୂଲ୍ୟାୟନ - ୬

୧. ନିୟମିତ ଭାବରେ କବିତା ଓ ଗୀତଗୁଡ଼ିକୁ ପିଲାମାନେ ଶୁଣିବାଦ୍ୱାରା କ'ଣ ଆହରଣ କରିଥାନ୍ତି ?

(କ) ଶବ୍ଦ (ଖ) ଉଚ୍ଚାରଣ (ଗ) ତାଳ (ଘ) ଭାଷାର ମୌଳିକ ଗଠନ

୨. ତୃତୀୟ ଶ୍ରେଣୀର ପିଲାଙ୍କୁ 'ଜଙ୍ଗଲ ମଧରେ ଚାଲୁଥିବା ବେଳେ' କବିତାଟି ପଢ଼ିବାକୁ କୁହ । କବିତାରେ ଆଉ କେତୋଟି ବାକ୍ୟ ଯୋଗ କରିବାକୁ କୁହ । କାହିଁକି ସେମାନେ ଉକ୍ତ ବାକ୍ୟ ଗୁଡ଼ିକ ଯୋଗକଲେ ବୁଝାଇବାକୁ କୁହ ।

ଜଙ୍ଗଲ ଭିତରେ ଚାଲୁଥିଲା ବେଳେ
ମୁଁ କ'ଣ ଦେଖିଲି ?
ଗୋଟିଏ ବଡ଼ ସିଂହ ମୋତେ ଗର୍ଜନ କରୁଥିବାର
ଜଙ୍ଗଲ ଭିତରେ ଚାଲୁଥିବାବେଳେ
ମୁଁ କ'ଣ ଦେଖିଲି ?
ଗୋଟିଏ ଲମ୍ବା ସାପ ମୋତେ ଫଁ କରୁଥିବାର
ଜଙ୍ଗଲ ଭିତରେ ଚାଲୁଥିବା ବେଳେ
ମୁଁ କ'ଣ ଦେଖିଲି ?
ଗୋଟେ ଛୋଟ ମାଙ୍କଡ ମୋତେ ଗର୍ଜନ ଖେଁ ଖେଁ କରୁଥିବାର ।

୩. ଉକ୍ତ କବିତା ଦ୍ୱାରା ଭାଷା ଶିକ୍ଷଣର କେଉଁ କେଉଁ ସୁଯୋଗ ସବୁ ସୃଷ୍ଟି କରାଯାଇପାରିବ ?

___

___

ଟିପ୍ପଣୀ

### ୪.୪.୨ ଛବି ମାଧ୍ୟମରେ ଆଲୋଚନା

ଛବି ହେଉଛି ଏପରି ଏକ ମାଧ୍ୟମ ଯାହା ଆମେ ପ୍ରଥମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କଥୋପକଥନ ଓ ଆଲୋଚନା ନିମନ୍ତେ ବ୍ୟବହାର କରିପାରିବା । ପ୍ରାଥମିକ ସ୍ତରରେ ପିଲାମାନେ ଭାରି ଛବି ପ୍ରିୟ । ସେମାନେ ଛବି ଦେଖିବା ଏବଂ ଛବି ଆଙ୍କିବାକୁ ଉପଭୋଗ କରିଥାନ୍ତି । ଯେ କୌଣସି ବହିରେ ଥିବା ଛବିଗୁଡ଼ିକ ପ୍ରଥମେ ପିଲାମାନଙ୍କୁ ଆକର୍ଷଣ କରିଥାନ୍ତି । ଛବି ଗୁଡ଼ିକ ବିଷୟରେ ପିଲାମାନେ ନିରନ୍ତର ଭାବରେ କଥାବାର୍ତ୍ତା କରିବାକୁ ସହଜ ହୁଏ । ପିଲାମାନେ ଅତି ନିବିଡ ଭାବେ ଛବି ଗୁଡ଼ିକୁ ନିରୀକ୍ଷଣ କରନ୍ତି ଏବଂ ସେଗୁଡ଼ିକ ବିଷୟରେ କହିପାରନ୍ତି, ଯାହାକି ଆମେ କେବେ କଳ୍ପନା ମଧ୍ୟ କରି ନଥାଉ ।

ଆମେ ଯେତେବେଳେ ତୃତୀୟ ଶ୍ରେଣୀ ପିଲାଙ୍କ ସହିତ ଛବି ବିଷୟରେ ଆଲୋଚନା କଲୁ ଆମେ ଜାଣିବାକୁ ପାଇଲୁ ଯେ, ଛବିଗୁଡ଼ିକୁ ଦେଖି ସେମାନେ କେବଳ ବସ୍ତୁଗୁଡ଼ିକର ନାମ କୁହନ୍ତି ନାହିଁ, ତା ସହିତ ନିଜର ତାର୍କିକ ଜ୍ଞାନ ପ୍ରୟୋଗ କରି ସେମାନେ ନିଜର ଅନୁଭୂତି, ଅଭିଜ୍ଞତା ସହିତ ଯୋଡ଼ି ଦେଇ ପାରନ୍ତି । ଯାହାହେଉ ସେମାନଙ୍କର ନିଜର ଦୃଷ୍ଟିକୋଣ ରହିଛି । ନିମ୍ନରେ ସେହିଭଳି କେତେକ ଉଦାହରଣ ଦିଆଯାଇଛି ।

କ) ଲୋକଟି ଗାଈଟିଏ ନେଉଛି । / ଲୋକଟିଏ ବଳଦକୁ ବାନ୍ଧୁଛି । / ବାଳକଟିଏ ଘର ଭିତରକୁ ଯାଉଛି ।


ଖ) ଝିଅଟିଏ ଗଛ ଚଢୁଥିଲା । / ଗଛଟି ବଡ଼ଥିବାରୁ ବାଳକଟିଏ ତାକୁ ଚଢ଼ିବାକୁ ମନାକଲା । ସେ କାଳେ ପଡ଼ିଯିବ / ବାଳିକାଟି ଡାଳରେ ଝୁଲୁଛି । / ଗଛଗୁଡ଼ିକ ଦୋହଲୁଛନ୍ତି/ ଅନେକ ଗଛ ପାହାଡ଼ରେ ବଢ଼ିଛି ।

ଗ) ସୂର୍ଯ୍ୟ ସକାଳେ ଉଦୟ ହେଉଛନ୍ତି । / ପକ୍ଷୀମାନେ ସକାଳେ ଉଡୁଛନ୍ତି । / ସୂର୍ଯ୍ୟ ବାହାରକୁ ଆସୁଛନ୍ତି । / ଏହା ସନ୍ଧ୍ୟା ସମୟ । / ସୂର୍ଯ୍ୟ ଅସ୍ତ ହେଉଛନ୍ତି ।

ଘ) ସ୍ତ୍ରୀ ଘରକୁ ଫେରୁଛନ୍ତି । / ସ୍ତ୍ରୀ ଲୋକଟି ପାଣି ଆଣୁଛି ।

ଙ) ଦୁଇଟି ବଗ / ହେରନ୍‌ପକ୍ଷୀ ଉଡୁଛନ୍ତି ।

ଉପରୋକ୍ତ ବାକ୍ୟ ଗୁଡିକ ସୂଚାଉଅଛି ଯେ, ପିଲାମାନେ ଛବିକୁ ଦେଖି ବିଭିନ୍ନ ପ୍ରକାରର କଥୋପକଥନରେ ଅଂଶଗ୍ରହଣ କରିପାରିବେ । ଛବିକୁ ଆଧାର କରି କଥୋପକଥନ ପିଲାମାନଙ୍କର ସୃଜନଶୀଳତା ଏବଂ ବିଶ୍ଳେଷଣ ଦକ୍ଷତା ବୃଦ୍ଧି କରବାରେ ସହାୟକ ହେବ । ଏପରିକି ସମ୍ବାଦପତ୍ର ବା ପ୍ରଚାର ପାଇଁ ବା ଟିକେଟରେ ଥିବା ଛବି ହେଉ, ସବୁ ପ୍ରକାରର ଛବି ବ୍ୟବହାର କରାଯାଇପାରିବ ।




ଟିପ୍ପଣୀ

ଏହି ଛବିଗୁଡ଼ିକ ଉଚ୍ଚ ପ୍ରାଥମିକ ସ୍ତରରେ ମଧ୍ୟ କଥୋପକଥନର ବିକାଶ ପାଇଁ ବ୍ୟବହାର କରାଯାଇପାରିବ ।

ପିଲାମାନଙ୍କ ସହିତ ବସି, ସେମାନଙ୍କୁ ଛବି ଦେଖିବାକୁ ଉତ୍ସାହିତ କରି ଏବଂ ନିଜର ମତ ପ୍ରକାଶ କରିବାକୁ ସ୍ୱାଧୀନତା ଦେଇ ଶିକ୍ଷକ ସେମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରାଇବା ଉଚିତ୍ । ସେମାନେ ଛବିର ବିଭିନ୍ନ ଦିଗ ବିଷୟରେ ଜାଣିନଥିବା ତଥ୍ୟ ଜାଣିବା ପାଇଁ ଶିକ୍ଷକ ପ୍ରଶ୍ନଦ୍ୱାରା ସାହାଯ୍ୟ କରିବା ଉଚିତ୍ । ଏହି ଭଳି ଭାବରେ ଶିକ୍ଷକ ପିଲାମାନଙ୍କର ସମାଲୋଚନାମୂଳକ ପର୍ଯ୍ୟବେକ୍ଷଣ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଉଚିତ୍ । ଛବି ବିଷୟରେ କଥୋପକଥନ ସମୟରେ ପ୍ରଶ୍ନ ପଚାରି ଶିକ୍ଷକ ସେମାନଙ୍କ ଦକ୍ଷତାକୁ ବୃଦ୍ଧିକରିପାରିବେ । ପ୍ରଶ୍ନ ଗୁଡ଼ିକ ଏପରି ହେବା ଉଚିତ୍ ଯେପରିକି ସେମାନଙ୍କର ଚିନ୍ତା, କଳ୍ପନା, ଅନୁମାନ, ତର୍କ ଜ୍ଞାନର ବିକାଶ ସହିତ ବସ୍ତୁ ବା ଘଟଣା ଗୁଡିକୁ ନିଜ

ଅଭିଜ୍ଞତା ସହିତ ସେମାନେ ସହଜରେ ଯୋଡ଼ିଦେଇ ପାରିବେ । ଛବି ଗୁଡ଼ିକ ଆଧାରିତ ଏହି ପ୍ରଶ୍ନ ଗୁଡ଼ିକ କଥୋପକଥନକୁ କିପରି ଆଗକୁ ନେଇପାରିବ ତାହା ପିଲାମାନଙ୍କୁ ଜଣାଇଥାଏ ।

- ଗଛତଳେ କ'ଣ ସବୁ ରଖାଯାଇଛି ? (ଆବିଷ୍କାର କର)
- କାହିଁକି ଝିଅଟି କୂଅପାଖରେ ଠିଆହୋଇ କାନ୍ଦୁଛି ? (କାରଣ ବ୍ୟବହାର କର)
- କୂଅ ପାଖରେ ଠିଆ ହୋଇ ସ୍ତ୍ରୀ ଲୋକମାନେ କାହା ବିଷୟରେ କଥା ହେଉଛନ୍ତି ? (କଳ୍ପନା କର)
- ତୁମେ କେବେ ଗୋଟିଏ ଗାଁ'କୁ ଯାଇଛ ? ଯଦି ହଁ , ତୁମେ ସେଠାରେ କ'ଣ ସବୁ ଦେଖିଲ ? (ସମ୍ପର୍କ ସ୍ଥାପନ କର/ବର୍ଣ୍ଣନା କର ।)



ଟିପ୍ପଣୀ

## ପ୍ରଗତିର ଆତ୍ମ ମୂଲ୍ୟାୟନ - ୭

୧. ପିଲାଙ୍କୁ ଛବି ଦେଖାଇ 'ଗଛତଳେ କ'ଣ ରଖାଯାଇଛି' ? ପ୍ରଶ୍ନ ପଚାରିଲେ ନିମ୍ନୋକ୍ତ କେଉଁ ସୁଯୋଗଟି ପିଲାଙ୍କୁ ଦେଖାଯାଇଥାଏ ?

(କ) କଳ୍ପନା କରିବା (ଖ) କାରଣ ଦର୍ଶାଇବା (ଗ) ଆବିଷ୍କାର କରିବା (ଘ) ବର୍ଣ୍ଣନା କରିବା

୨.




ଉପରୋକ୍ତ ଛବିରେ ପିଲାମାନଙ୍କ ସହିତ କ'ଣ ଆଲୋଚନା କରାଯାଇପାରିବ ? ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ପ୍ରଶ୍ନ ତିଆରି କର ଏବଂ ସେଗୁଡ଼ିକ ସାହାଯ୍ୟରେ ପିଲାଙ୍କୁ ଅଭ୍ୟାସ କରାଅ ଏବଂ ତୁମର ଅଭିଜ୍ଞତା ବର୍ଣ୍ଣନା କର ।

---

---

---

## ୪.୪.୩ ଗଳ୍ପ କଥନ / ଶ୍ରବଣ

ପ୍ରାଥମିକ ଶ୍ରେଣୀଗୁଡ଼ିକରେ ଶ୍ରବଣ ଏବଂ ଗଳ୍ପ କଥନ ଭାଷା ଶିକ୍ଷା ନିମନ୍ତେ ସାହାଯ୍ୟ କରିଥାଏ । ଗଳ୍ପ ଶୁଣିବା ପାଇଁ ପିଲାମାନେ ଆଗ୍ରହୀ ହୁଅନ୍ତି । ଏହାଦ୍ୱାରା ସେମାନଙ୍କର ସୃଜନଶୀଳତାର ବିକାଶ ଘଟେ । ବହୁସମୟରେ ଦେଖାଯାଇଛି ଯେ ପିଲାମାନେ ଯେତେବେଳେ ନିଜେ ଶୁଣିଥିବା ଗଳ୍ପକୁ ଅନ୍ୟ ସାଙ୍ଗମାନଙ୍କୁ କୁହନ୍ତି , ସେମାନେ ନିଜ ଇଚ୍ଛା ଅନୁସାରେ ବଦଳାଇ ପାରନ୍ତି । ଏହା ମାଧ୍ୟମରେ ପିଲାମାନେ କେବଳ ଶବ୍ଦଶିକ୍ଷା ଲାଭ କରନ୍ତି ନାହିଁ, ନିଜର କଳ୍ପନା ଦକ୍ଷତାକୁ ବୃଦ୍ଧି କରିବା ସହିତ ବିଭିନ୍ନ ଘଟଣାବିଷୟରେ ନିଜେ ବୁଝିଥାନ୍ତି । ଏହା ବ୍ୟତୀତ ଗଳ୍ପ ଗୁଡ଼ିକର ଅନ୍ୟଦିଗ ରହିଛି । କାରଣ ଏହା ସେମାନଙ୍କର ପୂର୍ବାନୁମାନ ଦକ୍ଷତା ବୃଦ୍ଧିକରେ । ଉଦାହରଣ ସ୍ୱରୂପ ପିଲାମାନେ ଗଳ୍ପ ଶୁଣିବା ସମୟରେ 'ଗଳ୍ପରେ ତା'ପରେ କଣ ହେବ ?' ଜାଣିବାକୁ ଅତ୍ୟନ୍ତ ଆଗ୍ରହୀ ଥାଆନ୍ତି । ସେମାନେ ନିଜର ବୋଧଶକ୍ତି ମାଧ୍ୟମରେ ଅନୁମାନ କରନ୍ତି ଏବଂ ଯଦି ସେମାନଙ୍କର ଅନୁମାନ ଅନୁସାରେ ଗଳ୍ପରେ ଅଗ୍ରଗତି ହୋଇଥାଏ ତେବେ ସେମାନେ ଅଧିକ ଆତ୍ମବିଶ୍ୱାସୀ ହୁଅନ୍ତି ଏବଂ ସମୟକ୍ରମେ ସେମାନଙ୍କର ପୂର୍ବାନୁମାନ ନିର୍ଭୁଲ ହୋଇଥାଏ । ବିଶେଷଭାବରେ, ଉକ୍ତ ଗଳ୍ପଗୁଡ଼ିକ ପିଲାମାନଙ୍କୁ, ସେମାନଙ୍କର ଭବିଷ୍ୟତ ଜୀବନ ଗଢ଼ିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, 'ଠେକୁଆ ଏବଂ ସିଂହ' ଗଳ୍ପଟି ଜୀବନରେ ଆମେ



ଟିପ୍ପଣୀ

ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆମକୁ ପ୍ରସ୍ତୁତ କରାଏ । ଆମେ ଗଳ୍ପ କଥନରେ ଗଳ୍ପଭିତରେ ଆମ ଜୀବନର ଅଭିଜ୍ଞତାକୁ ଅନ୍ତର୍ଭୁକ୍ତ କରିଥାଉ । ବେଳେବେଳେ, ଯେତେବେଳେ ଗଳ୍ପ କହୁଥିବା ବ୍ୟକ୍ତି କୌଣସି ଜିନିଷକୁ ଗୁରୁତ୍ୱପୂର୍ଣ ବୋଲି ଭାବେ ସେ ଗଳ୍ପର ସେ ଅଂଶଟିକୁ ଅତିରଞ୍ଜିତ କରି କହିଥାଏ । ସେ ଏହା କରିବା ଦ୍ୱାରା ଘଟଣାର ବା ଚରିତ୍ରର ଗଠନ କରିବା ସହିତ ଶ୍ରୋତାକୁ ଆକୃଷ୍ଟ କରିଥାନ୍ତି । ମୋଟା ମୋଟି ଭାବେ ଗଳ୍ପବକ୍ତାର ଗଳ୍ପ କହିବାର ଢ଼ଙ୍ଗ ଗଳ୍ପଦ୍ୱାରା ସୃଷ୍ଟି ଆଗ୍ରହଉପରେ ପ୍ରଭାବ ପକାଇ ଥାଏ । ଯେତେବେଳେ ଗଳ୍ପର ନୂଆ ଶବ୍ଦ ସବୁ ବ୍ୟବହାର କରାଯାଏ, ପିଲାମାନେ ବକ୍ତାର ଭାବରୁ ଶବ୍ଦଗୁଡ଼ିକର ଅର୍ଥ ଅନୁମାନ କରିପାରନ୍ତି । ଏହା ସେମାନଙ୍କର ଶବ୍ଦଜ୍ଞାନ, ଶ୍ରବଣବୋଧତା ଓ କଳ୍ପନା ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ ।

ଗଳ୍ପଟିଏ କହି ତା'ବିଷୟରେ ଆଲୋଚନା କରିବା ଏକ ଛୋଟକଥା, ମାତ୍ର ଯଦି ଶିକ୍ଷକ ଏହାର ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ହୁଅନ୍ତି ଏହା ଅତ୍ୟନ୍ତ ଉପାଦେୟ ହୋଇଥାଏ । ଅଧିକାଂଶ ଶିକ୍ଷକ ଅନୁଭବ କରନ୍ତି ଯେ, ଗଳ୍ପଟିଏ କହିସାରିବାପରେ ପିଲାମାନେ ଗଳ୍ପରୁ କ'ଣ ଶିଖିଲେ ପ୍ରଶ୍ନପଚାରିବା ସେମାନଙ୍କର ଅଧିକାର ଅଟେ । କିନ୍ତୁ ଗୋଟିଏ ଅର୍ଥବୋଧକ କଥୋପକଥନ ଆରମ୍ଭ କରିବାକୁ ଏଭଳି ପ୍ରଶ୍ନ ଆଦୌ ଠିକ୍ ନୁହେଁ ।

ପିଲାମାନଙ୍କୁ ଗଳ୍ପ କହିବା ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କଠାରୁ ଗଳ୍ପ ଶୁଣିବା ସେତିକି ଗୁରୁତ୍ୱପୂର୍ଣ୍ଣ । ଏହା ପିଲାମାନଙ୍କର ନିଜକୁ ପ୍ରକାଶ କରିବାର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରେ । ଶିକ୍ଷକ କହିଥିବା ଗଳ୍ପକୁ ପିଲା ପୁନର୍ବାର କହିବା ଅପେକ୍ଷା ସେମାନେ ନିଜ ମନରୁ ଗଳ୍ପ କହିବା ଅଧିକ ଉପାଦେୟ ଅଟେ । ଗଳ୍ପର ବ୍ୟକ୍ତିତ୍ୱ ଏବଂ ଚରିତ୍ର ବିଷୟରେ କହିବା ସମୟରେ ସେମାନେ ନିଜ ଅଭିଜ୍ଞତାକୁ ଅନ୍ତର୍ଭୁକ୍ତ କରନ୍ତି । ଶ୍ରେଣୀରେ ପ୍ରତ୍ୟେକ ପିଲାକୁ ଏ ସ୍ୱାଧୀନତା ଦେଲେ ସେ ଗଳ୍ପର ଯେ କୌଣସି ବିଷୟରେ କହିପାରିବ ଏବଂ ନିଜ କଳ୍ପନା ଅନୁସାରେ ସେ ଅତିରଞ୍ଜିତ କରିପାରିବ ।

**ଅଗ୍ରଗତିର ଆତ୍ମମୂଲ୍ୟାୟନ-୮**

୧) ପିଲାମାନଙ୍କୁ ଗଳ୍ପକଥନ ସହିତ ନିମ୍ନୋକ୍ତ କେଉଁଟି ଆବଶ୍ୟକ ?

କ) ପିଲାମାନେ ଗଳ୍ପଟିକୁ ପଢ଼ିବା (ଖ) ଗଳ୍ପଟିକୁ ମନେ ରଖେଇବା


ଗ) ଗଳ୍ପଟିକୁ ପୁନର୍ବାର କୁହାଇବା (ଘ) ଗଳ୍ପଟିକୁ ଶୁଣିବା

୨) ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କୁ ଗଳ୍ପ କହିଲାବେଳେ ସେମାନଙ୍କୁ କେଉଁ ଗଳ୍ପ ଭଲଲାଗେ ପଚାରିବା ଏବଂ ଏହି ନାମଗୁଡ଼ିକ କଳାପଟାରେ ଲେଖିବା ଏବଂ ପିଲାମାନଙ୍କୁ ଏହି ଗଳ୍ପଗୁଡ଼ିକ ତିଆରି କରିବାକୁ କୁହ ।

___

___

___



ଟିପ୍ପଣୀ

୩) ଗଳ୍ପ ତିଆରି କିରବା ସମୟରେ ପ୍ରତ୍ୟେକ ପିଲା ଗୋଟିଏ ବାକ୍ୟ କହିବେ ଏବଂ ତୁମେ କଳାପଟାରେ ଲେଖ । ନିମ୍ନୋକ୍ତ ବିଷୟ ଗୁଡ଼ିକୁ ଆଧାରକରି ତୁମର ଅଭିଜ୍ଞତାକୁ ବର୍ଣ୍ଣନା କର ।

କ) କେଉଁ ଶବ୍ଦଗୁଡ଼ିକୁ ଆଧାରକରି ଗଳ୍ପଟି ରଚିତ ?

ଖ) ପିଲାମାନଙ୍କଦ୍ୱାରା ରଚିତ ଗଳ୍ପଟି କ'ଣ ?

ଗ) କାର୍ଯ୍ୟଟି ସମୟରେ ତୁମର ଭୂମିକା କ'ଣ ?

ଘ) କାର୍ଯ୍ୟଟିକୁ କରିବା ସମୟରେ ତୁମକୁ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ?

## ୪.୪.୪ ନାଟକ ଅପେରା ଓ ଅଭିନୟ ମାଧ୍ୟମରେ ଭାଷାର ବିକାଶ

ଅଭିନୟ ପିଲାଙ୍କ ପାଇଁ ନୂଆ କଥା ନୁହେଁ । ଆମେ ବହୁ ସମୟରେ ଦେଖୁ ଯେ ପିଲାମାନେ କାର୍ଟୁନ୍ କିମ୍ବା ଫିଲ୍ମର ଚରିତ୍ରକୁ କିମ୍ବା ବାପା ଓ ମାଆଙ୍କ ଖେଳ କିମ୍ବା କଣ୍ଢେଇ ବାହାଘରକୁ ଅନୁକରଣ କରିଥାନ୍ତି । ପିଲାମାନେ ଏହିପରି ଖେଳିବା ସମୟରେ ଅନ୍ୟକୁ ଅନୁକରଣ କରି ଅଙ୍ଗଭଙ୍ଗୀ କରିବା, କ୍ଷମା ମାଗିବା, ଅତିରଂଜନ କରି କହିବା ଇତ୍ୟାଦି ଅନୁକରଣ କରନ୍ତି । ପ୍ରତ୍ୟେକ ପିଲାର ଏ ଦକ୍ଷତା ରହିଛି , କିନ୍ତୁ ପିଲାମାନେ ଶ୍ରେଣୀରେ ତାର ସୁଯୋଗ ପାଇନଥାନ୍ତି । ଏହାର କାରଣ ଏହା କେବଳ ବାର୍ଷିକ ଉତ୍ସବ କିମ୍ବା କୌଣସି ମୁଖ୍ୟ ଅତିଥିଙ୍କ ପରିଦର୍ଶନ ସମୟରେ ହିଁ ସେମାନେ ଏସବୁରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥାନ୍ତି । ଏପରିକି, ଏଭଳି ପରିପ୍ରେକ୍ଷୀରେ ଶିକ୍ଷକମାନେ ହିଁ ଏହି କଥୋପକଥନକୁ ଲେଖିଥାନ୍ତି ଏବଂ ଏହା କଳାବେଳେ ଅସୁବିଧା ସବୁ ମଧ୍ୟ ଥାଏ । ପ୍ରତିଦିନ ଏ କାର୍ଯ୍ୟକଳାପ କରିବା ତା'ଠାରୁ ଭିନ୍ନ ଅଟେ । ଭାଷା ଶିକ୍ଷାଦାନରେ ଡ୍ରାମାପାଇଁ ୨ଟି ଚରିତ୍ରର ଆବଶ୍ୟକ ଥାଏ । ଏହା ଶ୍ରେଣୀରେ କରିବାପାଇଁ ଶିକ୍ଷକ ବା ଛାତ୍ରମାନଙ୍କର କୌଣସି ସ୍ୱତନ୍ତ୍ର ପ୍ରସ୍ତୁତିର ଆବଶ୍ୟକତା ନଥାଏ । ଶିକ୍ଷକ କେବଳ ପିଲାମାନଙ୍କୁ ଉତ୍ସାହିତ କରିଥାନ୍ତି । ପ୍ରାଥମିକ ସ୍ତରରେ ପିଲା ଦେଖିଥିବା କାର୍ଟୁନ୍ କିମ୍ବା ଘଟଣାକୁ ଏଥିପାଇଁ ବ୍ୟବହାର କରାଯାଇପାରେ । ଉଦାହରଣ ସ୍ୱରୂପ - କୌଣସି ପଶୁ, ଏହାର ଗତି, ଏହାର ଭାବଭଙ୍ଗୀ ଇତ୍ୟାଦି । ଉଚ୍ଚ ପ୍ରାଥମିକ ସ୍ତରରେ, ଶିକ୍ଷକ ପିଲାମାନଙ୍କୁ ଛୋଟ ଛୋଟ ଦଳ କରିବାକୁ ପ୍ରେରଣା ଦେବା ଉଚିତ୍ ଏବଂ ପିଲାମାନେ ନିଜେ ବିଷୟ ସ୍ଥିର କରିବାକୁ ଶିକ୍ଷକ ଉତ୍ସାହିତ କରିବା ଉଚିତ୍ । ପିଲାମାନେ ନିଜେ ସଂଳାପ ଲେଖି ନିଜେ ନିଜେ ଅଭିନୟ କରିପାରିବେ । ଏକା ସମୟରେ ସେମାନେ ମଧ୍ୟ ଆମର ପ୍ରଚଳିତ ଖେଳ ଏବଂ ଲୋକକଥାଗୁଡ଼ିକୁ ଅଭିନୟ କରି ନିଜର ସୃଜନଶୀଳତାର ବିକାଶ କରିପାରିବେ ଏବଂ ସେ ସବୁକୁ ନିଜର ସାଂସ୍କୃତିକ ପରିବେଶ ସହିତ ସଂଯୋଗ କରିପାରିବେ ।

ଟିପ୍ପଣୀ

## ୪.୪.୫ ପାଠ୍ୟକ୍ରମ ସମ୍ପର୍କିତ କାର୍ଯ୍ୟ

ପିଲାମାନଙ୍କୁ ଶ୍ରବଣ ଏବଂ କଥନର ସୁଯୋଗ ପ୍ରଦାନ କରିବାପାଇଁ ଶ୍ରେଣୀ ଗୃହରେ ଅନ୍ୟ ପାଠ୍ୟକ୍ରମ ସମ୍ପର୍କିତ କାର୍ଯ୍ୟ କରାଯାଇପାରିବ । ଯେଉଁ କାର୍ଯ୍ୟଗୁଡ଼ିକ ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ଭାବକୁ

ପ୍ରକାଶ କରିବାକୁ ସୁଯୋଗ ଦେବ ସେଗୁଡ଼ିକ କରାଯିବା ଉଚିତ୍ । ପୂର୍ବରୁ ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ଉପରେ କିଛି କାର୍ଯ୍ୟ ପିଲାମାନଙ୍କୁ ଦିଆଗଲେ ସେମାନଙ୍କୁ ଏହା ମାର୍ଗ ପ୍ରଦଶନ ସହିତ ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ । ଏହାକୁ ଚିତ୍ତାକର୍ଷକ କରିବାପାଇଁ ଆମେ କେତେକ ମନୋରଂଜନ ଧର୍ମୀ କାର୍ଯ୍ୟ ସଂଯୋଜନା କଲେ, ସେମାନେ ଶ୍ରବଣ ଓ କଥନ ପ୍ରକ୍ରିୟାକୁ ଉପଭୋଗ କରିପାରିବେ, ଯଥା – ମୁଁ ଯଦି ଆଲ୍ଲାଉଦ୍ଦିନ୍‌ଙ୍କ ଲ୍ୟାମ୍ପ ପାଇଥାନ୍ତି, 'ମୁଁଯଦି ଜଣେ ଯାଦୁକର ହୋଇଥାନ୍ତି, 'ମୁଁ ଯଦି ଜଣେ ଜୋକର ହୋଇଥାନ୍ତି ଇତ୍ୟାଦି ।

ଦ୍ୱିତୀୟ କାର୍ଯ୍ୟଟି ହେଉଛି ବିତର୍କ । ଏହି କାର୍ଯ୍ୟରେ ପିଲାମାନେ କୌଣସି ପ୍ରସଙ୍ଗ ସପକ୍ଷ ବା ବିପକ୍ଷରେ ନିଜର ମତାମତ ଦେବା ସହିତ ବିରୋଧୀ ବକ୍ତାଙ୍କ ଯୁକ୍ତିକୁ କାଟିବାକୁ ଚେଷ୍ଟା କରନ୍ତି, ଯାହାଦ୍ୱାରା ଶ୍ରୋତାମାନଙ୍କ ବିଶ୍ୱାସଭାଜନ ହେବାକୁ ମଧ୍ୟ ଚାହିଁଥାନ୍ତି । ଉଦାହରଣ ସ୍ୱରୂପ – 'ଶିଳ୍ପ ଏକ ଆଶିର୍ବାଦ କିମ୍ବା ଅଭିଶାପ' 'ଫାଷ୍ଟଫୁଡ' ସ୍ୱାସ୍ଥ୍ୟ ପାଇଁ ଉପକାରୀ ନା ଅପକାରୀ । ଏହିଭଳି କାର୍ଯ୍ୟଗୁଡ଼ିକ ସବୁସ୍ତରର ପିଲାଙ୍କ ପାଇଁ କରାଯାଇପାରିବ । ପିଲାମାନେ ଏହିସବୁ କାର୍ଯ୍ୟଦ୍ୱାରା ନିଜର ଚିନ୍ତନ ସହିତ ବକ୍ତବ୍ୟ ମଧ୍ୟରେ ସମ୍ପର୍କ ସୃଷ୍ଟି କରନ୍ତି । ସେଗୁଡ଼ିକ କ୍ରମରେ ସଜାଇ ଉପଯୁକ୍ତ ଭାବରେ ନିଜର ଅଭିଜ୍ଞତା ମଧ୍ୟରେ ବକ୍ତବ୍ୟ ରଖନ୍ତି । ଏହାଦ୍ୱାରା ସେମାନେ ଦକ୍ଷ ବକ୍ତା ଏବଂ ଶ୍ରୋତା ମଧ୍ୟ ହୋଇପାରନ୍ତି । ଏହାକୁ ପ୍ରତିଷ୍ଠା କରିବାକୁ ହେଲେ ଶିକ୍ଷକଙ୍କୁ ଆରମ୍ଭରୁ ସବୁଶୁଣି ମତାମତ ଦେବା ନିମନ୍ତେ ଧୈର୍ଯ୍ୟବାନ୍ ହେବାକୁ ହେବ ।

### ଅଗ୍ରଗତିର ଆତ୍ମମୂଲ୍ୟାୟନ

୧) ପିଲାମାନେ ଶିଶୁ ସଂପୃକ୍ତ ନାଟକରେ ସଂପୃକ୍ତ ହେଲେ ସେମାନେ ଅନୁକରଣ, ଅତିରଞ୍ଜିନ କରିବା ସହିତ କ୍ଷମାମାଗିଥାନ୍ତି । ଏଥିରେ ପିଲାମାନଙ୍କର କେଉଁ ଦକ୍ଷତାର ବିକାଶ ହୁଏ ।

କ) କଥନ (ଖ) କଥୋପକଥନ (ଗ) ସ୍ମରଣ (ଘ) ନାଟକୀୟ ଦକ୍ଷତା

୨) ସପ୍ତମ ଶ୍ରେଣୀ ପିଲାଙ୍କପାଇଁ ଏକ ପ୍ରସଙ୍ଗ ସ୍ଥିରକର ଯେଉଁଥିରେ ସେମାନେ ବିନା ପ୍ରସ୍ତୁତିରେ ଭାଗନେବେ । ନିଜର ଅଭିଜ୍ଞତା ଉଲ୍ଲେଖ କର ।

ଟିପ୍ପଣୀ

## ୪.୫ ବାକ୍-ପଟୁତା ଏବଂ ନିର୍ଭୁଲତା

ଭାଷା ଦକ୍ଷତା ଲାଭପାଇଁ ବାକ୍-ପଟୁତା ଏବଂ ନିର୍ଭୁଲତା ଦୁଇଟି ମୁଖ୍ୟ ଉପାଦାନ ଅଟେ । ଗୋଟିଏ ପିଲାର ଭାଷା ଶିକ୍ଷାରେ ଏ ଦୁଇଟି ଉପାଦାନର ଭୂମିକା କ'ଣ ଏବଂ ପିଲାକୁ ଶିକ୍ଷାଦାନ ସମୟରେ କେଉଁ ଉପାଦାନ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ ଜଣେ ଶିକ୍ଷକ ହିସାବରେ ଏସବୁ ଦିଗ ବିଷୟରେ ଚନ୍ତା କରିବା ଗୁରୁତ୍ୱପୂଣ୍ଡ ଅଟେ । ଗୋଟିଏ ପିଲାର ବାକ୍ୟଟିକୁ ଠିକ୍ ରୂପେ ଉଚ୍ଚାରଣ ଏବଂ ବ୍ୟାକରଣ ଗତ ସଠିକ ବ୍ୟବହାରକୁ ନିର୍ଭୁଲତା କୁହାଯାଏ । ପ୍ରାଥମିକ ସ୍ତରରେ ଗୋଟିଏ ପିଲାର ନିର୍ଭୁଲତା ଜଣେ ବୟସ୍କ ବ୍ୟକ୍ତି ଠାରୁ ଭିନ୍ନ ଅଟେ । ଆମେ ପୂର୍ବରୁ ତୃତୀୟ ଅଧ୍ୟାୟରେ ପଢିଛେ ଯେ ଗୋଟିଏ ପିଲା ଭୁଲ କରିବା ଦ୍ୱାରା ହିଁ ଭାଷା ଆହରଣ କରିଥାଏ । ପିଲାର ଭୁଲ୍ କରିବା ଓ ତାକୁ ସାହାଯ୍ୟ କରିବା ଦ୍ୱାରା ସେ ବ୍ୟାକରଣର ନିୟମକୁ ମଧ୍ୟ ଅନୁସରଣ କରେ । ଉଦାହରଣ ସ୍ୱରୂପ ଗୋଟଏ ୩ବର୍ଷର ପିଲା ନିମ୍ନୋକ୍ତ ବାକ୍ୟ ବ୍ୟବହାର କରେ ।

ଓଡିଆ ବାକ୍ୟପରି ହୋଇନାହିଁ

- ମାଆଙ୍କର ଗାଡିଟିଏ ଲୋଡା ଅଟେ ।
- ମାଆଙ୍କର ପାଣି ଲୋଡା ଅଟେ ।

ପିଲା ଜାଣେ ଯେ ପ୍ରତ୍ୟେକ ବାକ୍ୟ 'ଅଟେ'ରେ ଶେଷହୁଏ । ତେଣୁ ସେ 'ଲୋଡା ଅଟେ'ର ବ୍ୟବହାର କରିଛି । 'ଅଟେ' ଏକ ସାହାଯ୍ୟକାରୀ କ୍ରିୟା ଏବଂ 'ଚାହିଁବା' ଏକ ମୁଖ୍ୟକ୍ରିୟା । ତେଣୁ ପିଲା ନିୟମ ବିଷୟରେ ନଜାଣିଲେ ମଧ୍ୟ ବେଳେବେଳେ ବ୍ୟବହାର କରିଥାଏ ।

ଶିକ୍ଷକ ଦକ୍ଷତା ଦୃଷ୍ଟିରୁ ବାକ୍-ପଟୁତା ହେଉଛି ପିଲାର ଦକ୍ଷତା ଯାହାକି ସେ ନିରନ୍ତର ଭାବରେ କହିପାରିବ, ପଢ଼ିପାରିବ ଏବଂ ଲେଖିପାରିବ । ଏହି ପରିପ୍ରେକ୍ଷୀରେ ବ୍ୟାକରଣ ନିୟମ ଅପେକ୍ଷା ଭାଷଣ ପ୍ରସଙ୍ଗ ଏବଂ ଅର୍ଥ ଉପରେ ଗୁରୁତ୍ୱ ଦିଆଯାଇଥାଏ ।

ଆଜିକାଲି ଜଣେ ଭାଷା ଶିକ୍ଷକ ଏଇ ଦୁଇଟି ମଧ୍ୟରୁ କେଉଁଟିକୁ ବେଶି ଗୁରୁତ୍ୱ ଦେବାକୁ ହେବ ଜାଣି ନପାରି ଦ୍ୱନ୍ଦରେ ପଡ଼ନ୍ତି । ଉଭୟ ଦିଗ ଆମପାଇଁ ଗୁରୁତ୍ୱପୂର୍ଣ୍ଣ । ପାରମ୍ପରିକ ଶିକ୍ଷକମାନେ ଭାଷା ଶିକ୍ଷାରେ ନିର୍ଭୁଲତା ଉପରେ ବେଶି ଗୁରୁତ୍ୱ ଦେଇଥାନ୍ତି । ସେମାନେ ପାରମ୍ପରିକ ବ୍ୟାକରଣ ନିୟମ ସବୁ ପଢ଼ିବାପାଇଁ ପିଲାମାନଙ୍କୁ ବାଧ କରିଥାନ୍ତି । ଏଥିପାଇଁ ସେମାନେ ଅନେକ ସମୟାନୁଭିତ୍ତିକ ମୂଲ୍ୟାୟନର ସାହାଯ୍ୟ ନିଅନ୍ତି । ଅଧିକାଂଶ ଶ୍ରେଣୀରେ ପିଲାମାନଙ୍କୁ ନିଜର ଭୁଲ ଚିହ୍ନଟ କରିବାପାଇଁ ପ୍ରାୟ ସୁଯୋଗ ଦିଆଯାଏ ନାହିଁ । ଉକ୍ତ ପରୀକ୍ଷାଭିତ୍ତିକ ପ୍ରଣାଳୀ ନିର୍ଭୁଲତାଭିତ୍ତିକ ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇଥାଏ ।

ଅନ୍ୟ ଏକ ଗୋଷ୍ଠୀର ଶିକ୍ଷକମାନେ ଭାବନ୍ତି ଯେ ଭାଷା ହେଉଛି ଅନୁଭୂତି ଓ ଅଭିଜ୍ଞତା ପରିପ୍ରକାଶର ମାଧ୍ୟମ । ସେମାନେ ବାକ୍‌ପଟୁତା ଉପରେ ବେଶି ଗୁରୁତ୍ୱ ଦେଇଥାନ୍ତି । ବ୍ୟାକରଣ ଅପେକ୍ଷା ସେମାନେ ଭାଷାର ବ୍ୟବହାର ଏବଂ ଅର୍ଥ ଉପରେ ଗୁରୁତ୍ୱ ଦିଅନ୍ତି । ଏହା ସହିତ ସେମାନେ ଭାବନ୍ତି ଯେ ପିଲାମାନେ ନିରନ୍ତର ଭାଷା କହିବା ସମୟରେ ଏଭଳି ନିଜକୁ ପରିପ୍ରକାଶ କରିବା ଉଚିତ୍, ଯେପରିକି ଶ୍ରୋତା ଏହାକୁ ସଠିକ୍ ଭାବରେ ବୁଝିଥାଏ । ଏହି ଶିକ୍ଷକମାନେ ବିଶ୍ୱାସ କରନ୍ତି ଯେ, ପିଲା ଯେତେ ଅଧିକ ଭାଷାର ବ୍ୟବହାର କରିବ ତା'ର ସେତେ ବାକ୍‌ପଟୁତା ଉନ୍ନତି ହେବ ।

ଟିପ୍ପଣୀ

ବାସ୍ତବରେ ଉଭୟ ବାକ୍-ପଟୁତା , ନିର୍ଭୁଲତା ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ଉଭୟ ଦିଗ ଭାଷାରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ମୋଟାମୋଟି ଭାଷାର ଦକ୍ଷତା ନିମନ୍ତେ ପିଲାମାନଙ୍କୁ ଉଭୟ ବିଷୟରେ ଦକ୍ଷତା ଅର୍ଜନ କରିବାକୁ ହେବ । ପିଲାମାନେ ୧୦ମ ଶ୍ରେଣୀରେ ପହଞ୍ଚିଲାବେଳକୁ ବାକ୍‌ପଟୁତା ହାସଲ କରିଥାନ୍ତି । ତା'ପରେ ଆମେ ନିର୍ଭୁଲତା ଉପରେ ଉପଯୁକ୍ତ ଭାବରେ ଗୁରୁତ୍ୱ ଦେଲେ ଏହା ପିଲାର ଭାଷାର ବିକାଶ ଉପରେ ସହାୟକ ହୋଇଥାଏ ।

### ଅଗ୍ରଗତିର ଆତ୍ମମୂଲ୍ୟାଳୟନ -୧୦

୧) ମୁଁ କାର୍‌ଟିଏ ଦରକାର କରୁଛି । ଏଠାରେ 'ଦରକାର କରୁଛି' କ'ଣ ଅଟେ ।

କ) ସାହାଯ୍ୟକ୍ରିୟା (ଖ) ବିଶେଷଣ (ଗ) ବିଶେଷ୍ୟ (ଘ) ମୁଖ୍ୟକ୍ରିୟା

୨) 'ନିର୍ଭୁଲତା' ଓ 'ବାକ୍‌ପଟୁତା' ଉପରେ ନିଜର ମତାମତ ରଖ

______________________________

______________________________

______________________________

୩) ତୁମ ମତରେ ଏ ଦୁଇଟି ମଧ୍ୟରୁ କେଉଁଟି ଭାଷା ଶିକ୍ଷଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ କାହିଁକି ?

______________________________

______________________________

______________________________

## ୪.୬ ଅଧ୍ୟାୟ ସାରାଂଶ

ଉକ୍ତ ଅଧ୍ୟାୟରେ ଆମେ ଆଲୋଚନା କଲେ ଯେ ଶ୍ରବଣ ଏବଂ କଥନ ଭାଷାରେ ଏକ ଯନ୍ତ୍ରଭଳି କାର୍ଯ୍ୟ ନୁହେଁ ଏବଂ ଦୁଇଟି ଦକ୍ଷତା ଭାଷାରେ ୨ଟି ମୂଖ୍ୟ ପ୍ରକିୟା ଅଟନ୍ତି । ଆମେ ମଧ୍ୟ ଅନୁଭବ କଲେଯେ ପିଲାମାନେ ନିରନ୍ତର ଭାବରେ ନିଜ ମାତୃଭାଷରେ ଦକ୍ଷ ହୋଇଥାନ୍ତି । ମାତ୍ର ବିଦ୍ୟାଳୟର ଅନ୍ୟ ଭାଷାରେ ସେହି ପରିମାଣରେ ଦକ୍ଷତା ହାସଲ କରିବାକୁ ସ୍ୱତନ୍ତ୍ର ଚେଷ୍ଟାର ଆବଶ୍ୟକତା ରହିଛି । ସେହି ଚେଷ୍ଟା ଗୁଡ଼ିକ ମଧ୍ୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେଲା ଯେ ପିଲାମାନଙ୍କୁ ଶ୍ରେଣୀ ପ୍ରକୋଷ୍ଠରେ ବିଭିନ୍ନ ପ୍ରକାରର ସୁଯୋଗ ପ୍ରଦାନ କରିବା, ଯାହାକି ଭାଷା ଶିକ୍ଷଣର ଅନ୍ୟାନ୍ୟ ଏବଂ ବ୍ୟକ୍ତିତ୍ୱ ଓ ସାମାଜିକ ବ୍ୟବହାରରେ ପ୍ରଭାବ ବିସ୍ତାର କରିଥାଏ । ଆମେ ମଧ୍ୟ ଆଲୋଚନା କଲେ ଯେ, ଶିକ୍ଷକ ଏସବୁ ସୁଯୋଗ ସୃଷ୍ଟିକରିବାପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଉଚିତ୍ । ଏ ଆଲୋଚନାରୁ ଆମେ ବୁଝିପାରୁ ଯେ, ନିରନ୍ତଣ ବା ବାକ୍-ପଟୁତା, ନିର୍ଭୁଲତା ଅପେକ୍ଷା ବିଶେଷ ଉପାଦେୟ । ସୁତରାଂ ଶିକ୍ଷଣ ପ୍ରକ୍ରିୟାରେ ପ୍ରାଧାନ୍ୟ ଦେବା ଉଚିତ୍ ।

ଟିପ୍ପଣୀ

## ୪.୭ ପଠନ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- ଅଗ୍ନିହୋତ୍ରୀ, ଆର୍.କେ. ଏଡି ବାଗଚୀ , ତିସ୍ତା (୧୯୯୯)
  Bachchon Ki Bhaashaa Sikhare ki Kshamata-bhag - 12 (Shashshik Sandarbh). Bhopal : Eklavya)
- Kumar, Krisha (1996)
- Richands, Jack (2008)
- Chafe - Wallace (1985)


## ୪.୮ ପାଠ ଶେଷ ପ୍ରଶ୍ନାବଳୀ :

୧) ଗଳ୍ପ ମାଧ୍ୟମରେ ପିଲାମାନଙ୍କର କେଉଁ କେଉଁ ଦକ୍ଷତାବୃଦ୍ଧି ହୋଇପାରିବ ?

୨) ଶ୍ରେଣୀ ପ୍ରକୋଷ୍ଠରେ ପିଲାମାନେ କହିବାବେଳେ ତାଙ୍କୁ ବାଧା ଦିଆଯାଏ । ଏହାକୁ ତୁମେ ଠିକ୍ ବୋଲି ଭାବ କି ? ତୁମର ମତାମତ ଦିଅ

୩) ଗୋଟିଏ ଗଳ୍ପ ଲେଖ, ଯେଉଁ ଗଳ୍ପରେ ଅନେକ ଆଲୋଚନା କରାଯାଇପାରିବ ଏବଂ ପିଲାର ଶ୍ରବଣ ଓ କଥନ ଦକ୍ଷତାର ବିକାଶ କରାଯାଇପାରିବ ।

୪) ପିଲାମାନଙ୍କ ଆଲୋଚନାରେ ଭାଗ ନେବାକୁ ଉତ୍ସାହିତ କରିବାକୁ ହେଲେ ଉପଯୁକ୍ତ ଉପାଦାନ କ'ଣ ? ଉଦାହରଣ କାହିଁକି ଉପାଦେୟ ବୁଝାଅ ।

୫) ଶ୍ରବଣ ସହିତ କେଉଁ ଉପାଦାନଗୁଡ଼ିକ ବାସ୍ତବରେ ସଂଶ୍ଳିଷ୍ଟ ?

୬) କେତେକ ପିଲା ଅଛନ୍ତି, ସେମାନେ ଆଲୋଚନାରେ ଭାଗନିଅନ୍ତି ନାହିଁ । ଏହି ପିଲାମାନଙ୍କୁ ଆଲୋଚନାରେ ଭାଗନୋବକୁ ତୁମେ କି ପ୍ରକାର କୌଶଳ ଶ୍ରେଣୀରେ ଅବଲମ୍ବନ କରିବ । ଦୁଇଟି କୌଶଳ ବିଷୟରେ ବର୍ଣ୍ଣନା କର ।

୭) ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ୪ଟି ଧାଡ଼ି ବିଶିଷ୍ଟ କବିତା ସଂଗ୍ରହ କର । ସେ କବିତାରେ ସେମାନେ ଯେପରି କିଛି ଯୋଗ କରିପାରିବେ । ଏ କାର୍ଯ୍ୟଟି ଶ୍ରେଣୀରେ କର ।

୮) ମାତୃଭାଷା ଏବଂ ବିଦ୍ୟାଳୟ ଭାଷା ମଧ୍ୟରେ ଶ୍ରବଣ ଏବଂ ବୋଧ ମଧ୍ୟରେ କି ପାର୍ଥକ୍ୟ ଅଛି ?

୯) ଶ୍ରେଣୀରେ ଗଳ୍ପଟିଏ କହିବା ସମୟରେ ଗୋଟିଏ ପିଲା ଝୁଣ୍ଟେ କିମ୍ବା ଠିକ୍ ଭାବରେ ଉଚ୍ଚାରଣ କରିପାରେ ନାହିଁ । ତୁମେ ତା'ର ବିକାଶ ନିମନ୍ତେ କିପରି ଯୋଜନା ପ୍ରସ୍ତୁତ କରିବ ?

୧୦) ଭାଷା ଶିକ୍ଷାର କ୍ରମାନ୍ୱୟରେ କେଉଁ ସ୍ତରରେ ନିର୍ଭୁଲତା ଏବଂ କେଉଁ ସ୍ତରରେ ବାକ୍‌ପଟୁତା ଉପରେ ପ୍ରାଥମିକତା ଦିଆଯିବା ଉଚିତ୍ ।



ଟିପ୍ପଣୀ

**କାର୍ଯ୍ୟ :-** ପିଲାମାନେ କଥୋପକଥନ ହେବାବେଳେ ନିରୀକ୍ଷଣ କର । ସେମାନେ ପ୍ରାକୃତିକ ଭାବରେ କହିବାକୁ କୁହ । ଦେଖ ସେମାନେ କିପରି ବାର୍ତ୍ତାଳାପ କରୁଛନ୍ତି । ତୁମେ ସେମାନଙ୍କ କଥାକୁ ଶ୍ରେଣୀରେ କିପରି ବ୍ୟବହାର କରିବ ?

- ୩ୟ / ୪ର୍ଥ ପିଲାମାନଙ୍କୁ ନାଟକ ମାଧ୍ୟମରେ ଗଳ୍ପଟିଏ ଉପସ୍ଥାପନା କରିବାକୁ କୁହ । ଏହାପାଇଁ ସେମାନଙ୍କୁ ଗଳ୍ପ ଲେଖିବାକୁ ଓ ଅଭିନୟ କରିବାକୁ ପ୍ରେରଣା ଦିଅ । ତୁମର ଅଭିଜ୍ଞତା ବର୍ଣ୍ଣନା କର ।